# ଭାରତ-ଇସ୍ରାଏଲ ମୈତ୍ରୀର ତିନି ଦଶନ୍ଧି

- ସୌମେନ୍ଦ୍ର ଜେନା



ଚଳିତ ବର୍ଷ ଭାରତ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିଲା ବେଳେ ଆସନ୍ତାବର୍ଷ ଇସ୍ରାଏଲ ମଧ୍ୟ ତାର ସ୍ୱାଧୀନତାର ୭୫ବର୍ଷ ପାଳନ କରିବ । ଇତି ମଧ୍ୟରେ ଦୁଇ ଦେଶର ସ୍ୱୀକୃତ ମୈତ୍ରୀକୁ ମାତ୍ର ତିନି ଦଶନ୍ଧି ପୂରଣ ହୋଇଛି । ୨୯ଜାନୁଆରୀ ୨୦୨୨ଦିନ ଦୁଇ ଦେଶର ନେତୃତ୍ୱ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଦୁଇ ଦେଶର ମୈତ୍ରୀ ଅଧିକ ନିବିଡ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଇସ୍ରାଏଲ ନିଜର ଜ୍ଞାନକୌଶଳ, ଗବେଷଣା, ପ୍ରତିରକ୍ଷା ଉତ୍ପାଦନ, ଆଧୁନିକ କୃଷି ପ୍ରଣାଳୀରେ ଅଧିକ ଉତ୍ପାଦନ ପାଇଁ ପ୍ରତିଷ୍ଠା ଲାଭ କରିଛି । ଭାରତ ପରି ବଡ ଦେଶ ନିଜ ଦେଶର କୃଷି ଓ ଜଳସେଚନର ବିକାଶ, ଶତ୍ରୁରାଷ୍ଟ୍ରର ମୁକାବିଲା ପାଇଁ ଆଧୁନିକ ଅସ୍ତ୍ରଶସ୍ତ୍ର, ଉଚ୍ଚତର ଗବେଷଣାଗତ ଜ୍ଞାନକୌଶଳ ପାଇଁ ଇସ୍ରାଏଲ ଉପରେ ନିର୍ଭରଶୀଳ ରହିଛି । ସେମିତି ଏକ କୋଟିରୁ କମ୍ ଜନସଂଖ୍ୟା ବିଶିଷ୍ଟ ଇସ୍ରାଏଲ ନିଜର ମୋଟ ପ୍ରତିରକ୍ଷା ସାମଗ୍ରୀର ୪୩ ପ୍ରତିଶତ ଭାରତକୁ ବିକ୍ରି କରି ରପ୍ତାନୀର ଏକ ନମ୍ବର ସ୍ଥାନରେ ରଖିଛି । ଅପରପକ୍ଷେ ଆବଶ୍ୟକ ବେଳେ ଖୁବ୍ କମ୍ ସମୟରେ ପ୍ରତିରକ୍ଷା ସାମଗ୍ରୀ ପାଉଥିବା ହେତୁ ବିଗତ ବର୍ଷମାନଙ୍କରେ ଭାରତ କ୍ରୟ ତାଲିକାରେ ଇସ୍ରାଏଲକୁ ପ୍ରାଧାନ୍ୟ ଦେଇଆସିଛି । ଫଳରେ ଇସ୍ରାଏଲର ଜନସଂଖ୍ୟା ଏକ କୋଟି ପାଖାପାଖି ଥିଲେ ମଧ୍ୟ ସେମାନେ ଭାରତପରି ଏକ ବଡ ରାଷ୍ଟ୍ରର ଏକଶହ କୋଟିରୁ ଅଧିକ ଜନସାଧାରଣଙ୍କର ଅକୁଣ୍ଠ ସମର୍ଥନ ପାଇପାରିଛନ୍ତି । ଭିନ୍ନ ଭିନ୍ନ ସମୟରେ ଇସ୍ରାଏଲକୁ ସମାଲୋଚନା କରିବାକୁ ସାମାଜିକ ଗଣମାଧ୍ୟମରେ ଉଦ୍ୟମ ହେବାବେଳେ ସଂଖ୍ୟାଧିକ ଭାରତୀୟ ଇସ୍ରାଏଲ ସମର୍ଥନରେ ବାହାରି ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି । ପାଲେଷ୍ଟାଇନର ହାମାସ୍ ଗୋଷ୍ଠୀର ଇହୁଦୀଙ୍କ ଉପରେ ଆକ୍ରମଣ ହେଉ ଅଥବା ଦୁଇଦେଶ ମଧ୍ୟରେ ସଂଘର୍ଷମୂଳକ ପରିସ୍ଥିତିରେ ଭାରତର ଲୋକେ ଇସ୍ରାଏଲକୁ ସମର୍ଥନ କରିଆସିଛନ୍ତି । ଅତୀତରେ ଇସ୍ରାଏଲ ମାଟିରୁ ବିଦେଶୀ ଆକ୍ରମଣକାରୀମାନେ ଇହୁଦୀଙ୍କୁ ଆକ୍ରମଣକରି ତଡି ଦେବାପରେ ସେମାନେ ଯେପରି ଭାରତରେ ଶରଣ ନେଇ ସୁରକ୍ଷିତ ଭାବେ ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରିଥିଲେ ତାହା ଯେମିତି ଉଲ୍ଲେଖନୀୟ, ଠିକ୍ ସେମିତି ପ୍ରଥମ ବିଶ୍ୱଯୁଦ୍ଧ ପରେ ଇସ୍ରାଏଲକୁ ଇହୁଦୀମାନଙ୍କୁ ଦେବାପାଇଁ ବ୍ରିଟିସ ସେନାଙ୍କ ପ୍ରୟାସରେ ସଫଳତାର ମୂଳଭିତ୍ତି ପକାଇଥିଲେ ଭାରତର ରାଜସ୍ଥାନ ଏବଂ କର୍ଣ୍ଣାଟକର ଘୋଡସବାର ସେନାବାହିନୀ । ସେମାନେ ଅଦମ୍ୟ ସାହସ ଓ ବଳିଦାନ ବଳରେ ଯେପରି ତୁର୍କୀର ଅଟୋମନ ସେନାଙ୍କ ହାତରୁ ଇସ୍ରାଏଲର ବନ୍ଦର ସହର ହାଇଫାକୁ ଛଡାଇ ଆଣିବାକୁ ସକ୍ଷମ ହୋଇଥିଲେ ତାହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ସହ ପ୍ରତ୍ୟେକ ଇହୁଦୀ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକର ବିଷୟ ହୋଇଛି । ଆଧୁନିକ ଇସ୍ରାଏଲ ରାଷ୍ଟ୍ରର ଗଠନ ଭାରତର ସ୍ୱାଧୀନତାର ପରବର୍ଷ ହୋଇଥିଲେ ମଧ୍ୟ ଇସ୍ରାଏଲକୁ ଏକ ରାଷ୍ଟ୍ରଭାବେ ମାନ୍ୟତା ଦେବା ପାଇଁ ଭାରତକୁ ପାଖାପାଖି ଚାରିଦଶନ୍ଧିରୁ ଅଧିକ ସମୟ ଲାଗିଗଲା । ଅଥଚ ସେହି ଚାଳିଶ ବର୍ଷରେ ଯେତେବେଳେ ବି ଭାରତ ଯୁଦ୍ଧ ସଙ୍କଟରେ ପଡିଛି, ଇସ୍ରାଏଲ କୂଟନୀତିକ ସ୍ୱୀକୃତି ନପାଇ ମଧ୍ୟ ବାରମ୍ବାର ଭାରତକୁ ଆବଶ୍ୟକ ଅସ୍ତ୍ର ଯୋଗାଇ ସହାୟତା କରିବାକୁ ଭୁଲିନାହିଁ । କିନ୍ତୁ ତତ୍କାଳୀନ ସରକାରମାନଙ୍କ ଆନ୍ତର୍ଜାତିକ କ୍ଷେତ୍ରରେ ଅପାରଗତା ହେଉ କିମ୍ବା ନିଜ ମନରେ ଥିବା ସଂକୀର୍ଣ୍ଣତା ଯୋଗୁ ହେଉ ସେମାନେ ଇସ୍ରାଏଲ ସହ ମୈତ୍ରୀ ସ୍ଥାପନାରୁ ଦୂରେଇ ରହିଥିଲେ । ଅର୍ଥ ଦେଇ ଲୁଚାଛପାରେ ଅସ୍ତ୍ରଶସ୍ତ୍ର କ୍ରୟ କରୁଥିଲେ ମଧ୍ୟ ଇସ୍ରାଏଲକୁ ଏକ ରାଷ୍ଟ୍ରଭାବେ ଗ୍ରହଣ କରିବାକୁ କୁଣ୍ଠା ପ୍ରକାଶ କରୁଥିଲେ । ଆମେରିକା ଓ ସୋଭିଏତ୍ ରୁଷ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧର ଶେଷ ସମୟ ଅର୍ଥାତ୍ ସୋଭିଏତ୍ ବିଭାଜନ କାଳ ପର୍ଯ୍ୟନ୍ତ ଭାରତର ବିଦେଶ ନୀତିରେ ଇସ୍ରାଏଲ ନଥିଲା । କିନ୍ତୁ ସୋଭିଏତ ରୁଷର ବିଭାଜନ ସଙ୍ଗେ ସଙ୍ଗେ ଭାରତର ନିଦ୍ରା ଭଙ୍ଗ ହେଲା । ରୁଷିଆ ଯେ ଆଉ ଅଧିକକାଳ ଭାରତକୁ ସବୁ ସୁରକ୍ଷା ସାମଗ୍ରୀ ଯୋଗାଣ ସହ ଆନ୍ତର୍ଜାତିକ ସ୍ତରରେ ସହଯୋଗ କରିପାରିବ ନାହିଁ ସେ ନେଇ ଭାରତର କଳ୍ପଲୋକଜନିତ ତନ୍ଦ୍ରା ତୁଟିଥିଲା । ଫଳରେ ଅସ୍ତ୍ରଶସ୍ତ୍ରର କ୍ରିୟ, ଆଧୁନିକୀକରଣ, ତୁରନ୍ତ ଯୋଗାଣ ପାଇଁ ବିକଳ୍ପ ଖୋଜିବାକୁ ଯାଇ ଭାରତକୁ ୨୯ଜାନୁଆରୀ ୧୯୯୨ରେ ଇସ୍ରାଏଲ ସହ ଆଧିକାରୀକ ସ୍ତରରେ କୂଟନୀତିକ ସଂପର୍କ ସ୍ଥାପନ କରିବାକୁ ହେଲା । ପିଭି ନରସିଂହରାଓଙ୍କ ସମୟରେ ଇସ୍ରାଏଲକୁ ରାଷ୍ଟ୍ରର ମାନ୍ୟତା ଦେବାସତ୍ତ୍ୱେ ଭାରତର ନେତୃତ୍ୱ ସେତେବେଳେ ସେତେଟା ସକାରାତ୍ମକ ନଥିଲେ । ତେଣୁ ୮ ବର୍ଷପରେ ପ୍ରଥମ ବଡ ନେତା ଭାବେ ଗୃହମନ୍ତ୍ରୀ ଲାଲ କୃଷ୍ଣ ଆଡଭାନୀ ଜୁନ୍ ୨୦୦୦ରେ ଇସ୍ରାଏଲ ଗସ୍ତରେ ଯାଇ ତେଲ ଆଭିବଠାରେ ତତ୍କାଳୀନ ଇସ୍ରାଏଲ ରାଷ୍ଟ୍ରପତି ୱେଜ୍‌ମାନଙ୍କୁ ସାକ୍ଷାତ କରିଥିଲେ । ପାଲେଷ୍ଟାଇନ ଏବଂ ଅନ୍ୟ ମଧ୍ୟ ପ୍ରାଚ୍ୟର ରାଷ୍ଟ୍ର ଇସ୍ରାଏଲ ବିରୋଧରେ ଇସଲାମିକ ସନ୍ତ୍ରାସବାଦ ସୃଷ୍ଟିକଲା ପରି ଭାରତ ବିରୋଧରେ ପାକିସ୍ଥାନର ଇସଲାମିକ ସନ୍ତ୍ରାସବାଦ କିପରି କ୍ଷତି କରୁଛି ସେ ତାହା ଉତ୍ଥାପନ କରିଥିଲେ । ଭାରତର ରାଜନୀତିକ ଶବ୍ଦକୋଷକୁ ସୀମାପାର ଆତଙ୍କବାଦ ପରି ଶବ୍ଦ ଆଡଭାନୀ ଦେଇଥିଲେ । ଦୀର୍ଘ ଦେଢ ଦଶନ୍ଧିରୁ ଅଧିକ ସମୟ ପାଇଁ ସେ ଏହି ବିଷୟରେ ନିଜ ଦଳ ଭିତରେ ଏବଂ ସାଧାରଣରେ ଆଲୋଚନା କରିଆସୁଥିଲେ । କାର୍ଗିଲ ଯୁଦ୍ଧରୁ ଶିକ୍ଷା ପାଇବା ପରେ ଆଭ୍ୟନ୍ତରୀଣ ଏବଂ ସୀମାର ସୁରକ୍ଷା ପାଇଁ ଇଲେକ୍‌ଟ୍ରୋନିକ୍ ତାରବାଡ, ଚାଳକବିହୀନ ଡ୍ରୋନ ଆଦି ନିରୀକ୍ଷଣ କରିବା ସହ ବେନ୍ ଗୁରିଅନ ବିମାନ ବନ୍ଦର ସୁରକ୍ଷା ବ୍ୟବସ୍ଥାକୁ ବୁଲି ଦେଖିଥିଲେ । ସେ ତାଙ୍କ ଗସ୍ତ କାଳରେ ରାଷ୍ଟ୍ରପତି ଇଜେର ୱେଜମାନଙ୍କୁ ବାଦ ଦେଲେ ଗୁପ୍ତଚର ସଂସ୍ଥା ମୋସାଦର ମୁଖ୍ୟ ଇଫ୍‌ରେମ ହାଲେଭି ଏବଂ ସୁରକ୍ଷା ସେବା ସଂସ୍ଥା ଶାବକର ମୁଖ୍ୟ ଏଭି ଡିଚଟରଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ସେହି ସମୟରେ ଆମେରିକାର ଏକ ପ୍ରତିନିଧିଦଳ ଇସ୍ରାଏଲ ଗସ୍ତରେ ଆସି ୨୭ଟି ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି ନକରିବା ପାଇଁ ଯେଉଁ ତାଲିକା ଦେଇଥିଲେ ସେଥିରେ ଭାରତର ନାମ ରହିଥିଲା । ଆଡଭାନୀଙ୍କ ଗସ୍ତର ଗୋଟିଏ ସପ୍ତାହ ପରେ ବିଦେଶମନ୍ତ୍ରୀ ଯଶୋବନ୍ତ ସିଂହ ଇସ୍ରାଏଲ ଗସ୍ତରେ ଯାଇ ଦୁଇ ରାଷ୍ଟ୍ର ମଧ୍ୟରେ ବୈଦେଶିକ ସଂପର୍କକୁ ସୁଦୃଢ କରିବାକୁ ସକ୍ଷମ ହୋଇଥିଲେ । କିନ୍ତୁ ସେତେବେଳେ ଭାରତର ଗଣମାଧ୍ୟମ ଗୁଡିକ ଦୁଇଦେଶ ମଧ୍ୟରେ ଏହି ବନ୍ଧୁତାକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ଏବଂ ଆଡଭାନୀଙ୍କ ଗସ୍ତରୁ ଇସ୍ରାଏଲୀ ଅଧିକାରୀ ଅଧିକ ଉତ୍ସାହିତ ନଥିବା କଥା ପ୍ରକାଶ କରିଥିଲେ ।

ଯେହେତୁ ଗଣମାଧ୍ୟମ ଗୁଡିକରେ ଗୁଲି କରିବାର ଏକ ପୁରୁଣା ପରମ୍ପରା ରହିଛି ଏବଂ ନିଜର ମତକୁ ରଖିବାକୁ ଜନୈକ ଅଧିକାରୀ କିମ୍ବା ଜନୈକ ପ୍ରତିରକ୍ଷା ବିଶେଷଜ୍ଞ କହିଲେ ବୋଲି ଉଲ୍ଲେଖ କରିଦେଇ ବଜାରକୁ ଛାଡିଦେବାର ବ୍ୟବସ୍ଥା ରହିଛି, ତେଣୁ ସେହି ଗସ୍ତକୁ ଗୌଣ କରିବାକୁ ଇଣ୍ଡିଆ ଟୁଡେଠାରୁ ଆରମ୍ଭ କରି ଦି ହିନ୍ଦୁ ଖବରକାଗଜ ପର୍ଯ୍ୟନ୍ତ ସମସ୍ତେ ଉଦ୍ୟମ କରିଥିଲେ । ସେମାନଙ୍କ ନକାରାତ୍ମକ ବିବରଣୀ ଆମମାନଙ୍କ ସମ୍ମୁଖରେ ଏବେବି ରହିଛି । ଏକଥା ସତ ଯେ ଦୀର୍ଘଦିନ ଧରି ଯଥାବତ୍ ବିଦେଶନୀତିକୁ ଦେଖିଆସିଥିବା ଭାରତର ଗଣମାଧ୍ୟମଗୁଡିକ ଆଦୌ ସକ୍ରୀୟ ବିଦେଶନୀତି, ପରିବର୍ତ୍ତିତ ପରିସ୍ଥିତି ଓ ନୂତନ ଆଭିମୁଖ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ । କିନ୍ତୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏବଂ ପରେ ନରେନ୍ଦ୍ର ମୋଦୀଙ୍କ ସରକାର ଦୁଇରାଷ୍ଟ୍ର ମଧ୍ୟରେ ବନ୍ଧୁତାକୁ ଭିନ୍ନ ଭିନ୍ନ ସ୍ତରକୁ ନେବାକୁ ସଫଳ ହେଲେ । ଆଉ ଏବେ ଦୁଇଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଅର୍ଥନୀତିର ପ୍ରଚଳନ ପାଇଁ ଆଲୋଚନା ଜାରି ରହିଛି । ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରଠାରୁ ତତ୍କାଳୀନ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନଫ୍‌ତାଲି ବେନେଟଙ୍କ ସହ ଉତ୍ତମ ସଂପର୍କ ରଖିଆସିଛନ୍ତି । ନିକଟ ଅତୀତରେ ମୋଦିଙ୍କୁ ସାକ୍ଷାତକାଳରେ ନଫ୍‌ତାଲି ତାଙ୍କ ଦଳରେ ଯୋଗ ଦେବା ପାଇଁ କହି ସେ ଇସ୍ରାଏଲରେ ସବୁଠୁ ଅଧିକ ଲୋକପ୍ରିୟ ନେତା ବୋଲି କହିଥିଲେ । ମୈତ୍ରୀ ସନ୍ଧିର ତିନି ଦଶନ୍ଧିରେ ୨୯ ଜାନୁଆରୀ ୨୦୨୨ ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବକ୍ତବ୍ୟରେ ଦୁଇଦେଶର ସଂପର୍କ ସୁଦୃଢ ହୋଇଥିବା କଥା କହିଥିଲେ । ୨୮ ତାରିଖ ଦିନ ଦୁଇ ଦେଶର ବିଦେଶମନ୍ତ୍ରୀଙ୍କ ଏକ ମିଳିତ ଲେଖା ଇସ୍ରାଏଲର ଏକ ଖବରକାଗଜ ଛାପିଥିଲା ଯେଉଁଥିରେ ଦୁଇମନ୍ତ୍ରୀ ସୁରକ୍ଷା କ୍ଷେତ୍ରରେ ଅଧିକ ସହଯୋଗ ବୃଦ୍ଧିପାଇଁ ଏକମତ ହୋଇଥିଲେ । ଦୁଇଦେଶର ମୈତ୍ରୀର ତିନିଦଶନ୍ଧି ପୂର୍ତ୍ତିପାଇଁ ଏକ ସ୍ୱତନ୍ତ୍ର ଲୋଗୋ ପ୍ରସ୍ତୁତ ହୋଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେନେଟ ତାଙ୍କ ବାର୍ତ୍ତାରେ ସାଂସ୍କୃତିକ, ସାମରିକ, ଆର୍ଥିକ ସଂପର୍କକୁ ସୁଦୃଢ କରିବା ଉପରେ ଜୋର ଦେଇଛନ୍ତି । ଏହି ଅବସରରେ ଇସ୍ରାଏଲ ମରୁଭୂମିରେ ଦୁଇଦେଶର ଜାତୀୟ ପତାକା ଶୋଭା ପାଇବା ସହ ଇସ୍ରାଏଲର ମାସାଡା ଦୁର୍ଗକୁ ଆଲୋକରେ ସଜାଯାଇଥିବାର ଏକ ଭିଡିଓକୁ ଭାରତରେ ନିଯୁକ୍ତ ଇସ୍ରାଏଲ ରାଷ୍ଟ୍ରଦୂତ ନାଓର ଗିଲୋନ ଛାଡିଛନ୍ତି । ଇସ୍ରାଏଲରେ ଥିବା ଭାରତର ରାଷ୍ଟ୍ରଦୂତ ସଞ୍ଜୀବ ସିଙ୍ଗଲା ଦ୍ୱିପାକ୍ଷିକ ସମ୍ବନ୍ଧକୁ ସୁଦୃଢ କରିବା ସପକ୍ଷରେ ମତ ଦେଇଛନ୍ତି । ଭାରତ-ଇସ୍ରାଏଲ ମୈତ୍ରୀର ଉଷ୍ମତା ମଧ୍ୟରେ ଆମେରିକାର ଗାତ୍ରଦାହୀ ଗଣମାଧ୍ୟମ ଦି ନିୟୁର୍କ ଟାଇମ୍ସ ଏଥିରେ ପ୍ରତିବନ୍ଧକ ସୃଷ୍ଟିପାଇଁ ଠିକ୍ ଏହି ସମୟରେ ଭାରତ ୨ ବିଲିଅନ ଡଲାର ପ୍ରଦାନ କରି ଇସ୍ରାଏଲଠାରୁ ପେଗାସସ୍ ଗୋଇନ୍ଦା ସଫ୍ଟୱେର ୨୦୧୭ରେ କିଣିଥିବା ଖବର ପ୍ରକାଶ କଲାପରେ ଭାରତର ବିରୋଧୀପକ୍ଷ ନେତାମାନେ ଦୁଇଦେଶର ସଂପର୍କ ସପକ୍ଷରେ ପଦେ ନକହି ଅନେକ ବିଷୋଦ୍‌ଗାର କରିବାରେ ଲାଗିପଡିଛନ୍ତି, ବର୍ଣ୍ଣଲ ଧରି ବୁଲୁଛନ୍ତି । ଦେଶର ରାଜନେତାଙ୍କ ଠାରୁ ବ୍ୟବସାୟୀ, ଅଧିକାରୀଙ୍କଠାରୁ ଧର୍ମଗୁରୁଙ୍କ ପର୍ଯ୍ୟନ୍ତ ଅନେକ ଆଜି ଦୈନିକ ରାଷ୍ଟ୍ରବିରୋଧୀ ମନ୍ତବ୍ୟ ଓ ଷଡଯନ୍ତ୍ରରେ ବ୍ୟସ୍ତ ରହି ବିଦେଶୀ ବ୍ୟାଙ୍କରେ ଟଙ୍କା ରଖୁଥିଲା ବେଳେ ଆଭ୍ୟନ୍ତରୀଣ ସୁରକ୍ଷା ଓ ସାଧାରଣ ଅର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକଟି ବ୍ୟକ୍ତି ଉପରେ ଚବିଶ ଘଣ୍ଟା ପାଇଁ ସତର୍କ ଓ ସନ୍ଦେହୀ ଦୃଷ୍ଟି ରଖାଯିବା ଆବଶ୍ୟକ । କୌଣସି ବ୍ୟକ୍ତି ଦେଶର ସୁରକ୍ଷାଠାରୁ ବଡ ନୁହେଁ । ନେତାମାନେ ଦେଶର ବିଧି ଓ ବ୍ୟବସ୍ଥାକୁ ନେଇ ବିଦେଶରେ ନିନ୍ଦାରଟନା କଲାବେଳେ ସେମାନଙ୍କୁ ନିୟନ୍ତ୍ରଣ କରିବା ବ୍ୟବସ୍ଥା ସରକାର କରିବା ଦରକାର । ତେଣୁ ପେଗାସସ୍ ସଫ୍ଟୱେର ଦେଶର ସୁରକ୍ଷା ପାଇଁ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ନିଶ୍ଚୟ । ଏହା ଦେଶ ବିରୋଧୀଙ୍କ ଗାତ୍ରଦାହ ଅନବରତ ସୃଷ୍ଟି କରିବ ସତ, କିନ୍ତୁ ସାଧାରଣଙ୍କ ସୁରକ୍ଷା, ଷଡଯନ୍ତ୍ରକାରୀଙ୍କୁ ଧରିବାରେ ବିଶେଷ ସହାୟକ ହେବ ।

## ସଂପାଦକୀୟ

# ଯୋଗ୍ୟ ଅର୍ଥର ନମୁନା

ଛଳେ-ବଳେ-କୌଶଳେ ଅକ୍ତିଆର୍‌କୁ ଆଣି ତାହା ଉପରେ ମାଲିକାନା ସାବ୍ୟସ୍ତ କରାଯାଇଥିବା ଅର୍ଥ କିଂବା ସଂପଦ ମଧ୍ୟର ଯୋଗ୍ୟତାର ଛାପ ନଥାଏ । ସେଭଳି ସଂପଦ ପାଖରେ ବ୍ୟକ୍ତିର ବ୍ୟକ୍ତିତ୍ୱବୋଧ ବଳି ପଡ଼ିଯାଏ । ଆପଣା ସଂପଦର ଭାରରେ ସେ ନିଜେ ହିଁ ହୋଇଥାଏ ଅଶାନ୍ତ, ଉଦ୍‌ବିଗ୍ନ ଓ ଭାରାକ୍ରାନ୍ତ । ସେଭଳି ସଂପଦ ମଣିଷର ସେବା କରିବା ପରିବର୍ତ୍ତେ ମଣିଷକୁ ହିଁ ତା'ର ସେବାରେ ଖଟାଏ । ମଣିଷ ଦ୍ୱାରା ସୃଷ୍ଟ ହେବା ପରିବର୍ତ୍ତେ ତାହା ମଣିଷକୁ ହିଁ ଆପଣାର ଗୋଲାମ ରୂପେ ସୃଷ୍ଟି କରିଥାଏ । ଯୋଗ୍ୟତା ଦ୍ୱାରା ଅର୍ଜିତ ଅର୍ଥ ସଂପଦ ସତ୍ତାର ସଂପଦ ରୂପେ ଅସ୍ତିତ୍ୱକୁ ପୋଷଣ ଯୋଗାଉଥିବା ସ୍ଥଳେ କାଇଦା ଦ୍ୱାରା ଅଧିକୃତ ସଂପଦ ସତ୍ତାର ପୋଷଣ ନ କରି ପ୍ରବୃତ୍ତିର ଇନ୍ଧନ ରୂପେ ବ୍ୟୟିତ ହୋଇଥାଏ । ପରିଣାମ ସ୍ୱରୂପ ଦେଖିବାକୁ ମିଳିଥାଏ ଯେ, ହଜାର ଖାଇପିନ୍ଧି ଓ ଭୋଗସମ୍ଭାର ମଧ୍ୟରେ ବାସ କରି ମଧ୍ୟ ଏଭଳି ଅଧିକୃତ ଅର୍ଥ ସଂପଦରେ ସମ୍ପଦଶାଳୀ ବୋଲାଉଥିବା ବ୍ୟକ୍ତି ସତ୍ତା ଜଗତରେ ଶୁଖି ମରୁଥାଏ । ଯୋଗ୍ୟତାକୁ ଅବଜ୍ଞା କରି କେବଳ କାଇଦା କୌଶଳକୁ ସଂପଦ ଆହରଣର ମାଧ୍ୟମ କରିଥିବା ସେଭଳି ଆତ୍ମସ୍ୱାର୍ଥୀ ଓ ଆପ୍ତସୁଖୀ ବ୍ୟକ୍ତିମାନେ ସେମାନଙ୍କ ଦ୍ୱାରା ଅଧିକୃତ ଅନନ୍ତ ବସ୍ତୁ ଭଣ୍ଡାର ଓ ଅର୍ଥସଂପଦ ମଧ୍ୟରୁ ଅସ୍ତିତ୍ୱର ପରିପୋଷଣ ପାଇଁ କାଣିଚାଏ ମଧ୍ୟ ଖୋରାକ ପାଇପାରନ୍ତି ନାହିଁ ।

ଚାଲିଛି ଏବେ ତ୍ରିସ୍ତରୀୟ ଗ୍ରାମ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ବଳ କଷାକଷି । କଳେ ବଳେ କୌଶଳେ ନିଜ ଆଡ଼କୁ ଜନମତ ଆଣିବା ପାଇଁ ଆପ୍ରାଣ ଚେଷ୍ଟାରେ ପ୍ରାର୍ଥୀମାନେ । ଏପରିକି କେତେଯେ ନୂଆ ଓ ଅଭିନବ ଉପାୟ ସହ ଭୋଟର୍‌ମାନଙ୍କୁ ଲୋଭ ପରଷୁଥିବା ପ୍ରାର୍ଥୀମାନେ ବି ଆଉ ଲୁଚି ରହୁନାହାନ୍ତି । ଉପରୋକ୍ତ ଆଲୋଚନା ହୋଇଥିବା ବିଷୟ ପ୍ରତି ପ୍ରାର୍ଥୀମାନେ ତଥା ମତଦାତାମାନେ ବିଶେଷ ଭାବରେ ଧ୍ୟାନ ରଖିବା ଉଚିତ ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ରାଉରକେଲା, (ନିପ୍ର) : ରାଉରକେଲା ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ରଶ୍ମି ରଂଜନ ବୋଇତାଇଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ଓ ଅନ୍ୟାନ୍ୟ ଅନୁଷ୍ଠାନର ସଦସ୍ୟମାନେ ମଧୁସୂଦନ ମାର୍ଗରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉପସ୍ଥିତ ସଦସ୍ୟମାନେ ବକ୍ତବ୍ୟ ରଖି କହିଥିଲେ ଯେ, ନବଉତ୍କଳର ନିର୍ମାତା ଉତ୍କଳ ଗୌରବ ମଧୁବାବୁଙ୍କ ଅବଦାନ ଅତୁଳନୀୟ । ଓଡିଆ ଭାଷା ଓ ଓଡିଆ ଜାତି ପାଇଁ ତାଙ୍କର ସାମଗ୍ରୀକ ଜୀବନ ସମର୍ପଣ କରିଥିବା କାରଣରୁ ଆଜି ଓଡିଆ ଭାଷା ସମୃଦ୍ଧ ହେବା ସଂଗେ ସଂଗେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇପାରିଛି । ତାଙ୍କ ଅବଦାନକୁ ଓଡିଆ ଜାତି ଭୁଲିପାରିବ ନାହିଁ । ଏହି କାର୍ଯ୍ୟକ୍ରମରେ ପ୍ରଗତି ଉତ୍କଳ ସଂଘର ଉପସଭାପତି ରଶ୍ମି ରଂଜନ ବୋଇତାଇ, ଘନଶ୍ୟାମ ଧଳ, ଅରବିନ୍ଦ ପାତ୍ର, ଅଶୋକ କୁମାର ପଟ୍ଟନାୟକ, ଅର୍ଜୁନ ଭୁୟାଁ, ଇନ୍ଦ୍ରମଣୀ ମହାପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ହମିରପୁର ଉନ୍ନୟନ ପରିଷଦର ସଭାପତି ଡଃ ସୁମନ ଦତ୍ତ, ଓଡିଆ ଭାଷା ବିକାଶ ମଞ୍ଚର ସାଧାରଣ ସଂପାଦକ ଆର୍ତ୍ତତ୍ରାଣ ମହାପାତ୍ର, ସତ୍ୟ ନାରାୟଣ ଦାଶ ଓ ଗୋରା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ଅଧିବେଶନ ନେଇ ପ୍ରସ୍ତୁତି ବୈଠକ

ଜୟପୁର, (ନିପ୍ର) : ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ୨୧ତମ ରାଷ୍ଟ୍ରୀୟ ଅଧିବେଶନ ଓ ୧୦ମ ରାଜ୍ୟ ଅଧିବେଶନ ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଜାତୀୟ ପରିଷଦ ସଦସ୍ୟ ତଥା କେବିକେ ସମାଚାରର ସମ୍ପାଦକ ବିନୋଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଗଠନର ସଭାପତି ରବି ରଥ, ସାଧାରଣ ସମ୍ପାଦକ ଜଗଦିଶ ମିଶ୍ର, ଚିତ୍ତ ରଞ୍ଜନ ସ୍ୱାଇଁ, ଭଜରାମ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏ ସମ୍ପର୍କରେ ରାଷ୍ଟ୍ରୀୟ ଅଧ୍ୟକ୍ଷ କେଶବ ଦତ୍ତ ଚାଣ୍ଡୋଲାଙ୍କ ସହ ଆଲୋଚନା କରାଯାଇଥିଲା । ଏହି ରାଷ୍ଟ୍ରୀୟ ଅଧିବେଶନକୁ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ, ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ରାଜ୍ୟର ପ୍ରମୁଖ ମନ୍ତ୍ରୀମାନେ ଏଥିରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଏକ ଆକର୍ଷଣିୟ ସ୍ମରଣୀକା ପ୍ରକାଶନ କରାଯିବା ପାଇଁ ସ୍ଥିରିକୃତ ହୋଇଥିଲା । ସ୍ମରଣିକାରେ ସଦସ୍ୟମାନଙ୍କ ରଙ୍ଗିନ ଫଟୋଚିତ୍ର ଏବଂ ସମ୍ବାଦପତ୍ରର ସମ୍ପୂର୍ଣ୍ଣ ପରିଚୟ ସ୍ଥାନିତ କରିବା ପାଇଁ ସ୍ଥିର କରାଗଲା । ଏ ସଂପର୍କରେ ସଦସ୍ୟମାନେ ସେମାନଙ୍କ ପାସ୍‌ଫଟୋ ସହିତ ସମ୍ବାଦ ପତ୍ରର ସମ୍ପୂର୍ଣ୍ଣ ବିବରଣୀ ଫେବୃୟାରୀ ୧୫ତାରିଖ ସୁଦ୍ଧା ପ୍ରେରଣ କରିବାକୁ ଅନୁରୋଧ କରାଗଲା । ମୁଖ୍ୟ ଆୟୋଜକ ଶ୍ରୀ ମହାପାତ୍ର ଏହାର ସଫଳତା ପାଇଁ ବିଭିନ୍ନ ରାଜନେତାଙ୍କ ସହିତ ଆଲୋଚନା କରିଥିବା କହିଥିଲେ । ରାଷ୍ଟ୍ରୀୟ ଅଧିବେଶନର ଗୁରୁତ୍ୱ ଦୃଷ୍ଟିରୁ ସଦସ୍ୟମାନେ ଯଥାଶକ୍ତି ସହାୟତା ଦେବା ପାଇଁ କୁହାଯାଇଥିଲା ।

ଏହି ଅଧିବେଶନରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଦୁଇଶହରୁ ଅଧିକ ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ ।

# ସଚେତନ ହେମାର ଶିଶୁ ନାଟ୍ୟ କର୍ମଶାଳା ଉଦ୍‌ଯାପିତ




ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଢୋଲବନ୍ଧ ଗ୍ରାମରେ ଥିବା ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ଓ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଓଡିଶା ସହଯୋଗରେ ଆୟୋଜିତ ସାତ ଦିନିଆ ନାଟ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଦିନକୁ ଦିନ ନାଟ୍ୟକଳା ପ୍ରତି ଯୁବ ସମାଜଙ୍କ ରୁଚି କମି ଯାଉଥିବା ବେଳେ ଶିଶୁଙ୍କ ମନରେ ନାଟ୍ୟକଳା ଅଙ୍କୁରିତ କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ । ଏହି ସାତ ଦିନିଆ କର୍ମଶାଳାରେ ଆଖପାଖର ଗ୍ରାମାଞ୍ଚଳରୁ କୋଡିଏ ଜଣ ଶିଶୁ କଳାକାର ପ୍ରଶିକ୍ଷଣ ନେଇଥିଲେ । ଗପ ପଠନ, କବିତା ଆବୃତ୍ତି, ବ୍ୟାୟାମ, କରୋନା ସଚେତନତା, ନୃତ୍ୟ, ଗୀତ, ଅଭିନୟ, ସଂଗୀତ ଆଦି ବିଷୟରେ ସାଧନକର୍ମୀମାନେ ଶିକ୍ଷା ଦେଇଥିଲେ । ସାଧନକର୍ମୀ ଭାବେ ଯୋଗ ଦେଇଥିଲେ ଏନ୍‌ଏସ୍‌ଡ଼ି ନୂଆଦିଲ୍ଲୀରୁ ପ୍ରଶିକ୍ଷଣ ପ୍ରାପ୍ତ ତଥା ବର୍ଷୀୟାନ ଅଭିନେତା ଜଗନ୍ନାଥ ସେଠ, ଲୋକ ସଙ୍ଗୀତଜ୍ଞ ଗୁରୁ ଲାଦୁ ମହାନନ୍ଦ, ନାଟ୍ୟକାର ରାଜକୁମାର ସାହୁ ଓ ପ୍ରଦର୍ଶନ କଳା ଛାତ୍ର ଘନଶ୍ୟାମ ସାହୁ । ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ମଞ୍ଚ କଳାକାର ନେହେରୁ ମେହେର, ଗାୟକ କାର୍ତିକ ମହାନନ୍ଦ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟାଙ୍କ ଉପସ୍ଥିତରେ କୁନିକୁନି ପ୍ରଶିକ୍ଷାର୍ଥୀଙ୍କୁ ପୁରସ୍କାର ପ୍ରଦାନ ଓ ସାଧନ କର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କଳା ଓ ସଂସ୍କୃତିକୁ ଉଜ୍ଜୀବିତ ତଥା ସଂରକ୍ଷଣ ପାଇଁ ଆଗଧାଡିରେ ଥିବା ସଚେତନ ହେମାର ଅନୁଷ୍ଠାନର ଏହିପରି ଅଭିନବ ଶିକ୍ଷଣୀୟ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରୁ ପ୍ରଶଂସାର ଛୁଅ ଛୁଟୁଥିବା ବେଳେ ଭବିଷ୍ୟତ କଳାକାର ଓ ନାଟକକୁ ବଞ୍ଚାଇବା ପାଇଁ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ ବୋଲି ନାଟ୍ୟକାର ରାଜକୁମାର ସାହୁ ପ୍ରକାଶ କରିଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ପ୍ରାକ-ନିର୍ବାଚନୀ ପରିପ୍ରେକ୍ଷୀରେ ଅବକାରୀ ବିଭାଗର ଧରପଗଡ଼ ଜୋରଦାର



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାରେ ପ୍ରାକ-ନିର୍ବାଚନୀ ପରିପ୍ରେକ୍ଷୀରେ ଅବକାରୀ ବିଭାଗର ଧରପଗଡ଼ ଜୋରଦାର ହୋଇଛି । ଜିଲ୍ଲାରେ ନିର୍ବାଚନ ପ୍ରଚାର ଏବଂ ମତଦାନ ଅବାଧ ଓ ନିରପେକ୍ଷ କରାଯିବା ନେଇ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଏ । ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୋଲିସର ମିଳିତ ଅପରରେସନ ଜାରି ରହିଛି । ସିଧାସଳଖ ସନ୍ଧାନରେ ଆସି କରାଯାଇଥିବା ଅବକାରୀ ରେଡ୍ ନେଇ ଏକ ସଫଳ ଧରପଗଡ଼ରେ ୧ ୨ଶହ ୬୫ଲିଟର ମଦ ଓ ୧୩ହଜାର ୩ଶହ ୩୫ଲିଟର ଅପମିଶ୍ରଣ ପୋଚ-ମଦ, ୬୭.୨ ଲିଟର ରନ୍ଧାମଦ ଜବତ କରାଯାଇଛି । ଯାହାର କି ଆକଳନ ମୂଲ୍ୟ ୬ଲକ୍ଷ ୬୬ହଜାର ୭ଶହ ୫୦ଟଙ୍କା ବୋଲି କୁହାଯାଇଛି । ଏହି କ୍ଷେତ୍ରରେ ସମ୍ପୃକ୍ତ ୨୩ଜଣଙ୍କୁ ଗିରଫ କରାଯାଇଥିବା ଜିଲ୍ଲା-ଅବକାରୀ ବିଭାଗ ସୁରିନଟେଣ୍ଡେଟ ରାଜେନ୍ଦ୍ର ଭୋତ୍ରା ମିଡ଼ିଆକୁ ସୂଚନା ଦେଇଛନ୍ତି । ଛତ୍ରପୁର, ଆସ୍କା, ସୋରଡ଼ା, ଖଲ୍ଲିକୋଟ, ଭଞ୍ଜନଗର ପ୍ରମୁଖ ଅବକାରୀ ବିଭାଗ ଏକ୍ସସାଇଜ ଷ୍ଟ୍ରାଇକର ସ୍ୱତନ୍ତ୍ର ଟିମ୍ ଦ୍ୱାରା ଏହି ମିଳିତ ଚଢ଼ାଉ ହୋଇଥିବା କୁହାଯାଇଛି ।

# ସ୍କୁଲ ଉଚ୍ଛେଦ ପ୍ରତିବାଦ : ଗରଗଡଛାପର ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ




ପାଟଣାଗଡ଼, (ନିପ୍ର) : ପାଟଣାଗଡ଼ ବ୍ଲକ ଆଦିବାସୀପଡ଼ା ଭାବେ ପରିଚିତ ଖୁଣ୍ଟସମଲାଇ ପଞ୍ଚାୟତ ଅଧୀନ ଗରଗଡଛାପର ଗ୍ରାମରେ ସ୍କୁଲକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି ।

ସୂଚନା ଅନୁସାରେ ଏହି ଗ୍ରାମଟି ଗୋଟିଏ ଓ୍ୱାର୍ଡ ବିଶିଷ୍ଟ ଜନସଂଖ୍ୟା ପ୍ରାୟ ୨୮ । ୧୯୬୨ ମସିହାରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା । କମ୍ ପିଲା ହେତୁ ପାଖ ସ୍କୁଲର ଦୂରତା କମ୍ ଦର୍ଶାଇ ସ୍କୁଲଟିକୁ ଢୋଲ ମହୁଲ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା ଏନେଇ ଗ୍ରାମବାସୀ ଗତ ତା ୨୭/୦୧/୨୦୨୧ରୁ ସ୍କୁଲ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ଆମରଣ ଅନଶନରେ ବସିଥିଲେ । ଅନଶନର ୬ ଦିନ ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଜିଲ୍ଲାପାଳ କ୍ଷୀରୋଦ୍ର ଚନ୍ଦ୍ର ସାହୁ ଓ ପାଟଣାଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଅନଶନରୁ ଓହରି ଯାଇଥିଲେ । ଗ୍ରାମଟି ଆଦିବାସୀ ବହୁଳ ହେତୁ ସ୍କୁଲକୁ ବନ୍ଦ ନ କରିବାକୁ ଆଦିବାସୀ କଲ୍ୟାଣ ମହାସଂଘର ମହାସଚିବ ନୀରଞ୍ଜନ ବିଶି ରାଜ୍ୟ ସରକାର, ମୁଖ୍ୟ ମନ୍ତ୍ରୀ ଶିକ୍ଷା ବିଭାଗ ମନ୍ତ୍ରୀ, ସଚିବଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଥିଲେ ।

ଗ୍ରାମବାସୀ ଏନେଇ ଅନେକ ଥର ଅତିରିକ୍ତ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ହୋଇଛି । ଏଯାଏଁ ସ୍କୁଲକୁ କାର୍ଯ୍ୟକ୍ଷମ କରାଯାଇ ନ ଥିବାରୁ ଗ୍ରାମବାସୀ ସମୂହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗ୍ରାମରୁ ଚଳିତ ବର୍ଷ ପଞ୍ଚାୟତ ନିର୍ବାଚନରେ ଗ୍ରାମରୁ ଓ୍ୱାର୍ଡ ମେମ୍ବର ମଧ୍ୟ ନାମାଙ୍କନ କରିନଥିବା ବେଳେ ସରକାର ସ୍କୁଲକୁ ଯଦି ପୁନଃ କାର୍ଯ୍ୟକ୍ଷମ ନକରନ୍ତି ତା'ହେଲେ ଆଗାମୀ ନିର୍ବାଚନ ଗୁଡିକରେ ମଧ୍ୟ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ସାଂସଦ ଜୁଏଲଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ – ପାନପୋଷ ସାଂଗଠନିକ ଜିଲ୍ଲା ବିଜେପ



ରାଉରକେଲା, (ନିପ୍ର) : ସୁନ୍ଦରଗଡର ସାଂସଦ ତଥା କେନ୍ଦ୍ର ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି ପାନପୋଷ ସାଂଗଠନିକ ଜିଲ୍ଲା ବିଜେପି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ସୂଚନା ଯୋଗ୍ୟ ଯେ, କିଛି ଦିନ ତଳେ ସାଂସଦ ଜୁଏଲ ତାଙ୍କ ଦଳରେ ଥିବା ଜଣେ ନେତ୍ରୀ ଗୌରୀ ମୁଣ୍ଡାରୀଙ୍କୁ ଫୋନ୍ ମାଧ୍ୟମରେ ଅଶ୍ଳିଳ ବ୍ୟବହାର କରିଥିବା ଅଭିଯୋଗ କରି ବିଜେପି କାର୍ଯ୍ୟାଳୟକୁ ଭଙ୍ଗାରୁଜା କରିବା ସହ ଝିରପାଣି ଥାନାରେ ଅଭିଯୋଗ କରିଥିଲେ । ଏହା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଜେପି ତରଫରୁ ସଂପୃକ୍ତ ନେତ୍ରୀଙ୍କ ବିରୋଧରେ ସେକ୍ଟର ୩ ଥାନାରେ ଏତଲା ଦାୟର କରାଯାଇଛି । ମାତ୍ର ପୁଲିସ ତରଫରୁ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ କରି ଆଜି ଦଳ ତରଫରୁ ସେକ୍ଟର ୩ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ଏନେଇ ସ୍ପଷ୍ଟିକରଣ ରଖିଛନ୍ତି । ସଭାପତି ଲତିକା ପଟ୍ଟନାୟକ ସାମ୍ବାଦିକଙ୍କୁ ସୂଚନା ଦେଇଥିଲେ ଯେ, ସଂପୃକ୍ତ ନେତ୍ରୀ ଜଣଙ୍କ ଦଳରେ ନଥିବା ଓ ସାଂସଦଙ୍କ ବିରୁଦ୍ଧରେ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଥିଲେ । ଏହା ଏକ ପ୍ରଯୋଜିତ କାର୍ଯ୍ୟକ୍ରମ ଓ ଏଥିରେ ଶାସକ ଦଳ ତଥା କଂଗ୍ରେସ ଦଳର ଏକ ଚାଲ ବୋଲି କୁହାଯାଇଛି । ରାଜ୍ୟରେ ନାରୀ ନିର୍ଯ୍ୟାତନା, ହତ୍ୟାରେ ମନ୍ତ୍ରୀଙ୍କ ସଂପୃକ୍ତି ଭଳି ଅନେକ ଉଦାହରଣ ଥିବା ବେଳେ ସରକାରୀ ଦଳ ଉଦାସୀନ ରହିବା ଓ କଂଗ୍ରେସ ନେତା ଜର୍ଜ ତିର୍କୀ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାରେ ଥିବା ବେଳେ ମର୍ଡର କେଶ ତଥା ତାଙ୍କ ପୁଅ ବିବାହ ପ୍ରତିଶ୍ରୁତି ଦେଇ ଜଣଙ୍କ ସହ ଶାରିରୀକ ସଂପର୍କ ରଖି ତାକୁ ଧୋକ୍କା ଦେବା କଥା, ବୋଧହୁଏ ସେ ଭୁଲି ଯାଇଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି । ଘଟଣା ପରଠାରୁ ଜୁଏଲ ଫୋନ୍ ବନ୍ଦ ରଖିବା ଓ ନିଜେ ସାମ୍ନାକୁ ନଆସିବା ନେଇ ସାମ୍ବାଦିକଙ୍କ ପ୍ରଶ୍ନ ଉତ୍ତରରେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ସାଂସଦ ଫୋନ ଉଠାଉ ନଥିବା କହିଥିଲେ । ପୁଣି ଗତ ୨୪ ତାରିଖରୁ ଅଭିଯୋଗ ଉପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଆଗାମୀ ଦିନରେ ଦଳପକ୍ଷରୁ ଥାନା ଘେରାଓ ବା ଧାରଣା ଦିଆଯିବ ବୋଲି କୁହାଯାଇଛି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ପଟ୍ଟନାୟକଙ୍କ ବ୍ୟତୀତ ମୁଖପାତ୍ର ଗଙ୍ଗାଧର ଦାଶ, ବରିଷ୍ଠ ନେତ୍ରୀ ପ୍ରମିଳା ଦାଶ, ପୂର୍ଣ୍ଣିମା କେରକେଟା, କଳ୍ପନା ଲେଙ୍କା, ମମତା ଗୌତମ ପ୍ରମୁଖ ଉପସ୍ଥିତ ଥିଲେ ।

# ଫାଣ୍ଡି ଅଧିକାରୀଙ୍କ ଗାଡ଼ି ଧକ୍କାରେ କର୍ମଚାରୀ ମୃତ୍ୟୁ ଘଟଣା : କ୍ଷତି ପୂରଣ ଦାବୀରେ ଜାତୀୟ ରାଜପଥ ଅବରୋଧ, ୩ ଘଣ୍ଟା ଧରି ଗାଡି ଚଳାଚଳ ବନ୍ଦ, ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ



ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା ଅନ୍ତର୍ଗତ ଗୋଏଲଭାଡି ଛକରେ ବଡ଼ମାଲ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁଙ୍କ ଗାଡି ଧକ୍କାରେ ବଡ଼ମାଲ ଗୋଲାବାରୁଦ କାରଖାନାର କର୍ମଚାରୀ ରମେଶ ନାଗଙ୍କ ମୃତ୍ୟୁ ହୋଇଥିଲା । ଯାହାକୁ ନେଇ ପରିବାର ଲୋକେ କ୍ଷତିପୂରଣ ଦାବୀରେ ସ୍ଥାନୀୟ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜାତୀୟ ରାଜପଥ ୨୬କୁ ଅବରୋଧ କରିଥିଲେ । ଏହା ଫଳରେ ଗାଡି ଚଳାଚଳ ୩ ଘଣ୍ଟା ପର୍ଯ୍ୟନ୍ତ ଠପ ହୋଇ ପଡିଥିଲା । ଅନ୍ୟପଟେ ପରିବାର ଲୋକେ ୨୫ ଲକ୍ଷ ଟଙ୍କା ସହ ପରିବାର ଲୋକଙ୍କୁ ଚାକିରୀ ଦେବା ପାଇଁ ଦାବୀ କରିଥିଲେ । ଖବର ପାଇବା ପରେ ଘଟଣା ସ୍ଥାନରେ ସ୍ଥାନୀୟ ତହସିଲଦାର ସୁରେନ୍ଦ୍ର ମେହେର, ଟିଟିଲାଗଡ଼ ଏସଡିପିଓ ସୁରେନ୍ଦ୍ର ନାଥ ଶତପଥୀ, ଥାନା ଅଧିକାରୀ ଅବନୀ ସାହୁ ପହଁଚି ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା । ସୂଚନା ଯୋଗ୍ୟ ଯେ, ବଡ଼ମାଲ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁ ନିଜ ଚାରିଚକିଆ କାର ଯୋଗେ ଟିଟିଲାଗଡ଼ ପଟୁ ଆସୁଥିବା ବେଳେ ବଡ଼ମାଲ କର୍ମଚାରୀ ରମେଶ ନାଗ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟପାଇଁ ଟିଟଲାଗଡ଼ ଯାଉଥିବା ବେଳେ ଗୋଏଲଭାଡି ଛକରେ ଉଭୟ ଗାଡି ଆମନାସାମ୍ନା ହୋଇଥିଲା । କାରଟି ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ ଆରୋହି ରମେଶ ନାଗଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଅନ୍ୟପଟେ ଯୁବ ନେତା ସିମ୍ରନ ସିଂ ଭୋଇ ମଧ୍ୟ ପରିବାର ଲୋକଙ୍କୁ ବୁଝାସୁଝା କରିବା ସହ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଆସିଲା ଫେବୃଆରୀ ଗାଇଡ୍ ଲାଇନ୍

ଭୁବନେଶ୍ୱର, (ନିପ୍ର) : ଫେବୃଆରି ମାସ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡ୍ ଲାଇନ୍ ଜାରି ହୋଇଥିବା ବେଳେ ଏଥିରେ ସାମାନ୍ୟ ନାଇଟ କର୍ଫ୍ୟୁ କୋହଳ ହୋଇଛି । ସହରାଞ୍ଚଳରେ ରାତି ୧୦ରୁ ସକାଳ ୫ଟା ଯାଏ ବଳବତ୍ତର ରହିବ ନାଇଟ୍ କର୍ଫ୍ୟୁ । ପୂର୍ବରୁ ଏହା ରାତି ୯ଟାରୁ ସକାଳ ୫ଟା ଯାଏଁ ରହିଥିଲା । ସେହିପରି ଫିଲ୍ମ ହଲ୍, ସୁଇମିଂ ପୁଲ୍, ସପିଂ ମଲରେ ଥିବା କଟକଣା ହଟିଥିବା ବେଳେ ଶିକ୍ଷା ଅନୁଷ୍ଠାନରେ ସୀମିତ ଛାତ୍ରଛାତ୍ରୀଙ୍କୁ ନେଇ ସରସ୍ୱତୀ ପୂଜା ପାଇଁ ଅନୁମତି ମିଳିଛି । ମାଘ ସପ୍ତମୀରେ ନଦୀ, ଜଳାଶୟରେ ବୁଡ ପକାଇବା ଉପରେ କଟକଣା ରହିଛି, କିନ୍ତୁ ମନ୍ଦିରରେ ପୂଜାର୍ଚ୍ଚନା ହୋଇପାରିବା ନେଇ କୋହଳ ହୋଇଛି କଟକଣା ।

# ଭିଜିଲାନ୍ସ ଜାଲରେ ପଡ଼ିଲେ କୁବେର କନିଷ୍ଠ ଯନ୍ତ୍ରୀ

ଅନୁଗୋଳ, (ନିପ୍ର) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତାଳଚେର ବ୍ଲକର କନିଷ୍ଠ ଯନ୍ତ୍ରୀ ବିରଞ୍ଚି ନାରାୟଣ ସାହୁ । ତାଙ୍କ ବାସଭବନ ସମେତ ୪ଟି ଜାଗାରେ ଭିଜିଲାନ୍ସ ଚଢାଉ କରିଛି ଭିଜିଲାନ୍ସ । ବିରଞ୍ଚିଙ୍କ କୁମଣ୍ଡ ସ୍ଥିତ ବାସଭବନରେ, ଅମ୍ବାପାଳ ସ୍ଥିତ ଘରେ, ତାଳଚେର ବ୍ଲକ୍ ଅଫିସରେ, ମେରାମୁଣ୍ଡଳୀ ସ୍ଥିତ ଶ୍ୱଶୁର ଘରେ, ତାଳଚେର ବିଡିଓ ଅଫିସର ତାଙ୍କ ଚାମ୍ବରରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ ଟିମ୍ । ସୂଚନା ଅନୁସାରେ ଅନୁଗୋଳ ସହ କଟକ, କେନ୍ଦ୍ରାପଡା, ଜଗତସିଂହପୁରର ଭିଜିଲାନ୍ସ ଟିମ୍ ଏହି ଚଢାଉରେ ସାମିଲ ହୋଇଛନ୍ତି । ତେବେ ଏହି ଚଢାଉରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭିଜିଲାନ୍ସ ଟିମ୍ ହାତରେ ଲାଗିଥିବା ଆଲୋଚନା ହେଉଛି । ୨୦୧୦ରେ ବିରଞ୍ଚି ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ । ୨୦୧୫ ଯାଏ ଚୁକ୍ତିଭିତ୍ତିକ ଆଧାରରେ ସେ ମାସିକ ୧୨,୫୦୦ ଟଙ୍କା ପାଉଥିଲେ । ଆଉ ଏହା ପରେ ସେ ନିୟମିତ ନିଯୁକ୍ତି ପାଇଥିଲେ । ନିଜର ଚାକିରି କାଳ ଭିତରେ ତାଙ୍କର ଆୟ ୩୯ ଲକ୍ଷ ଟଙ୍କା ହୋଇଛି । ପ୍ରାଥମିକ ଆକଳନରୁ ତାଙ୍କର ଅଲଗା ଅଲଗା ଆକାଉଣ୍ଟରେ ଏଫଡି ଓ ଅନ୍ୟ ଡିପୋଜିଟ୍ ଆକାରରେ ମୋଟ ୯୬,୯୦,୧୯୩ ଟଙ୍କା ଥିବା ଜଣାପଡିଛି । ସେଥିମଧ୍ୟରୁ ୪୬ ଲକ୍ଷରୁ ଅଧିକ ଟଙ୍କାର ବ୍ୟାଙ୍କ ଜମା, ୫୦ ଲକ୍ଷରୁ ଅଧିକ ଟଙ୍କାର ସଞ୍ଚୟ ଜମା ଥିବା ଜଣାପଡିଛି । ଏହାସହ ଗୋଟିଏ ୨ ମହଲା କୋଠା, ଅନ୍ୟ ଏକ ବିଲ୍ଡିଂ, ଗୋଟିଏ କାର ଏବଂ ୫ଟି ବାଇକ୍ ଥିବା ଜଣାପଡିଛି । ଭିଜିଲାନ୍ସ ୨୬୧ ଗ୍ରାମର ସୁନାଗହଣା ତାଙ୍କ ଘରୁ ଜବତ କରିଥିବା ବେଳେ ଏ ନେଇ ପରବର୍ତ୍ତୀ ସମୟରେ ସୂଚନା ଦେବାକୁ କହିଛନ୍ତି ଭିଜିଲାନ୍ସ ଟିମର ବରିଷ୍ଠ ଅଧିକାରୀ । ଏବେ ବି ଚଢ଼ାଉ ଜାରି ରହିଛି ।

# ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର

ବଲାଙ୍ଗିର, (ନିପ୍ର) : ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ।

ବିଧାୟକ ଶ୍ରୀ ମିଶ୍ର ପଦ୍ମଶ୍ରୀ ଶ୍ରୀ ଗୁରୁଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି ଏବଂ ତାଙ୍କ କୃତୀତ୍ୱ ପାଇଁ ପ୍ରଶଂସା କରିବା ସହ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ବଲାଙ୍ଗିର ମାଟି ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ଯୋଗୁଁ ତାଙ୍କୁ ଅଶେଷ ଶୁଭେଚ୍ଛା ପ୍ରଦାନ କରିଛନ୍ତି ।

# ଜଗତେ କେବଳ ଜନେ ହସିବେ

## ରାଧୁ ମିଶ୍ରଙ୍କ ବ୍ୟଙ୍ଗ କଥା



ସେ ଥିଲା ଗୋଟେ ଅଲଗା ସମୟ । ଜଗତଜନଙ୍କ ପାଖରେ କାମଧନ୍ଦା କିଛି ନଥିଲା । କାହାର କୋଉଠି ଟିକେ ଓଲମ ବିଲମ ଦେଖିଲେ ସେମାନେ ଖାଲି ହସୁଥିଲେ । ବୁଲା କୁକୁରଟିଏ ଯଦି ବାହାର ଗୁମ୍ଫାକୁ ଯାଇ ଭ୍ରୂକୁଟୀ ଟେକି ନାକର ରୁମ ଟାଙ୍କୁରାଇ ସିଂହ ଭଳି ଜଙ୍ଗଲଫଟା ଭୋ ଭୋ କଲା ତ ହସି ଦେଉଥିଲେ । ବଗଟିଏ ଚଞ୍ଚୁରେ ଲିପଷ୍ଟିକ ବୋଳି ଚରଣରେ ହିଙ୍ଗୁଳ ଲଗାଇ ରାଜହଂସ ଠାଣିରେ ଅଣ୍ଟା ଦୋହଲାଇ ଚାଲିଲା ତ ତାକୁ ଦେଖି ହସୁଥିଲେ । ଆମ୍ବ ଗଛର ଗହଳ ଶାଖା ଭିତରେ ଲୁଚି ଧୂର୍ତ୍ତ କୁଆଟିଏ କାହୁ-କାହୁ କଲେ ତାକୁ ବି ବୁବି ମାରି ହସୁଥିଲେ । ଏଇଭଳି ହସିବାର କୌଣସି ସୁଯୋଗ ହାତଛଡ଼ା କରୁନଥିଲେ । ତେଣୁ ତାଙ୍କ ସ୍ୱାସ୍ଥ୍ୟ ବେଶ୍ ଭଲ ରହୁଥିଲା ।

ସେ କାଳରେ ଲୋକ ଶାଗ ପାଖଳ ମୁଠେରେ ବି ସନ୍ତୁଷ୍ଟ ରହୁଥିଲେ । ଫଳରେ ଖଟି କରିବାକୁ ଫୁରୁସତ୍ ପାଉଥିଲେ । ହେଲେ ଆଜିକାଲି ସମସ୍ତଙ୍କୁ ଆହୁରି ଦରକାର । ବୁଦା ଆପ୍ରାଣ ଚେଷ୍ଟା କରୁଛି କେମିତି ବରଗଛଟିଏ ହେବ, କିରାଣୀ ଫନ୍ଦି କରୁଛି କେମିତି ପାଟରାଣୀ ହେବ, ଟେଁପେ ଉଇର ମାଇଲଖୁଣ୍ଟ ପ୍ରାର୍ଥନା କରୁଛି-ମୋତେ ବିଜୁଳି ଖୁଣ୍ଟ କରିଦେରେ ଭଗବାନ, ନାମୀଦାମୀ ଖାସ ଆଦମି ଟୋପି ପିନ୍ଧି ଲଢ଼ି ପଡ଼ିଛି କେମିତି ‘ଆମ ଆଦମି’ଟିଏ ହେବ । ଏଥିରେ କିଏ ଭଲା କାହାକୁ ଦେଖି ହସିବ ! ଇଏ ଗଲା ଗୋଟିଏ କଥା ।

ଆଉ ଗୋଟିଏ କାରଣ ହେଲା, ଲୋକମାନେ ଆଜିକାଲି ଟିଭିରୁ ଇଂଲିଶ ନ୍ୟୁଜ ଶୁଣି ଶୁଣି ଇଣ୍ଟେଲେକ୍‌ଚୁଆଲ ହୋଇଗଲେଣି । ଆଉ ଇଣ୍ଟେଲେକ୍‌ଚୁଆଲ ମାନଙ୍କ ଦୃଷ୍ଟିରେ ହସିବା ଠାରୁ ବଳି ପାପ ନାହିଁ । ଆମ ସ୍କୁଲ ସାଙ୍ଗ ବିୟତ୍‌କେଶ ଚାକିରିରୁ ଅକାଳ ଅବସର ନେଲାପରେ ବି ଆଜି ଯାଏଁ ତା ମୁଣ୍ଡରୁ ଇଣ୍ଟେଲେକ୍‌ଚୁଆଲ ଭୁତ ଓହ୍ଲାଇନାହିଁ । ଦୀର୍ଘବର୍ଷ ପରେ ଏଥର ଆମ ମେଟ୍ରିକ ବ୍ୟାଚ ପିକ୍‌ନିକ୍‌ରେ ତାକୁ ହାବୁଡ଼ିଲୁ । ସେ ସ୍କୁଲବେଳର ଅନେକ ସାଙ୍ଗଙ୍କ ଖୋଜଖବର ନେବା ପ୍ରସଙ୍ଗରେ ତାକୁ କହିଲୁ- ରଙ୍କନିଧି ଏବକୁ ବଡ଼ଲୋକ ହେଇଯାଇଛିରେ । ଗୋଟିଏ କାରଖାନା ଚାକିରିକୁ ତ ମନ୍ତ୍ରୀଙ୍କ ସୁପାରିଶ ଧରି ପଶିଥିଲା । ପଶିଲାମାତ୍ରେ ଉପରିସ୍ଥ ହାକିମଙ୍କ ବୁକୁଚା ବୋହିଲା । ଫୁଟପାଥରୁ ଦୁଇ କିଲୋ ତାଜା ପରିବା କିଣି ହାକିମାଣୀଙ୍କ ପାଖରେ ଭୋଗ ଲଗାଇଲା । ‘ମୋ ବାଡ଼ିର ପ୍ରଥମ ଅମଳ’ କହି ତାଙ୍କ ଆଶୀର୍ବାଦ ହାସଲ କଲା । ଏହି ଫର୍ମୁଲାରେ ବର୍ଷକୁ ବର୍ଷ ପ୍ରମୋଶନ ଗୋଟାଇ ଏବେ ସେ ଜେନେରାଲ ମ୍ୟାନେଜର ଯାଏଁ ପହଞ୍ଚିଗଲାଣି । କିଛିଦିନ ତଳେ ଦେଖିଲି, ଗୋଟିଏ ସଭାମଞ୍ଚରେ ମୁଖ୍ୟଅତିଥି ମାଳା ପିନ୍ଧି ବସିଛି । ଅଭିଭାଷଣରେ ଗୋଟିଏ କାଗଜ ଲେଖା ଇଂଲିଶ୍ ଭାଷଣ ଏକା ନିଃଶ୍ୱାସରେ ପଢ଼ି ଦେଇ ଚୌକିରେ ଧଇଁସଇଁ ହେବାର ସମସ୍ତେ ଦେଖିଲେ । ତାପରେ ଯେତେବେଳେ ସଂଚାଳକ ତାଙ୍କୁ ସହରର ଜଣେ ମହାନ ପ୍ରତିଭା ଓ ପ୍ରଖର ବାଗ୍ମୀ ବୋଲି ପ୍ରଶଂସା କରୁଥାନ୍ତି, ତା କରକୁ କମଳ ଓ ତା କାଗଜପଢ଼ାକୁ ବାଣୀ କହୁଥାନ୍ତି, ଦେଖିଲି ଦର୍ଶକଙ୍କ ଭିତରୁ କେହି ଜଣେ ବି ହସୁନାହାନ୍ତି । ଆଜିକାଲି ଲୋକଙ୍କ ସେନ୍ସ ଅଫ ହ୍ୟୁମର ବହୁତ ଦୁର୍ବଳ ହେଇଗଲାଣି । ଆମ ବନ୍ଧୁ କହିଲା- ଏଥିରେ ହସିବାର କ’ଣ ଅଛି ?

ତାପରେ ତାକୁ କହିଲୁ-ଆଚ୍ଛା, ଆମର ଏଇ ନୀଳମଣିର ବୃଦ୍ଧିବୃତ୍ତି ତୁ ସ୍କୁଲ ବେଳରୁ ଜାଣିଛୁ । ବିନା ନକଲରେ ସ୍କୁଲବି ଡେଇଁ ପାରିନଥାନ୍ତା । ଏବେ ତ ଶୁଣିଲୁ, ଦି-ପେଗ୍ ମାରି ସର୍ବସମକ୍ଷରେ ନିଜେ ଘୋଷଣା କଲା, କେମିତି ଭୁବନେଶ୍ୱରରେ ଖର୍ଚ୍ଚବାର୍ଚ୍ଚ କରି ମାଷ୍ଟର ଚାକିରିରେ ପଶିଲା, ଗୁରୁଦକ୍ଷିଣା ଦେଇ ପିଏଚ୍‌ଡି କିଣିଲା । କେମିତି ସ୍କୁଲରୁ ଫାଙ୍କି ମାରି ଏବେ ବି ଚାରିଓଳି ଟ୍ୟୁସନ କରୁଛି । ତା’ ସତ୍ତ୍ୱେ ଦି ବର୍ଷ ତଳୁ ଘରେ ତା ନେମ୍ ପ୍ଲେଟରେ ନାଁ ତଳକୁ ଲାଗିଲାଣି ‘ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ’ । ଏକଥାରେ ସମସ୍ତେ ହସିଲେ, ହେଲେ ତୁ ହସିଲୁ ନାଇଁ ଯେ । ସେ କହିଲା- ଆହା । ବିଚରା ଉପରେ ହସିଲେ ପାପ ହେବ ।

ଆମେ କହିଲୁ- ଭାଇ, ତତେ କେମିତି ହସ ମାଡୁନି କେଜାଣି । କିନ୍ତୁ ଅଶୋକ ତ ହସ ସମ୍ଭାଳି ପାରେ ନାଇଁ । କିଛିଦିନ ତଳେ ଗୋଟେ ସରକାରୀ କୋପରେଟିଭ ନିର୍ବାଚନ ବେଳେ ପ୍ରାର୍ଥୀମାନେ ଡାଇରୀ, କ୍ୟାଲେଣ୍ଡର ସହିତ ଯେଉଁ ପାମ୍ଫ୍ଲେଟ ବାଣ୍ଟୁଥିଲେ ତାକୁ ପଢ଼ି ଅଶୋକ ହସିହସି ଗଡ଼ିଗଲା । ମୁଁ ତାକୁ କହିଲି- ଆରେ, ଜୋକ୍‌ଟା ମୋତେ ବି ଶୁଣା । ସେ କହିଲା ଆମ ଇଲେକ୍‌ସନ ବେଳେ ନେତାମାନେ ଯେମିତି ଗଣତନ୍ତ୍ରର ମହିମା ବଖାଣନ୍ତି, ଇଏ ସେମିତି କୋପରେଟିଭର ମହିମା ବଖାଣିଛି । ଯଦି ଏଡ଼େ ମହିମାବନ୍ତ ସଂସ୍ଥା, ଦେଶର କୋଉ ଜାଗାରେ ଆଜିଯାଏଁ ଉଧେଇଲାନି କାହିଁକି ? କାରଣ ଏଥିରେ ଯେତେ ଲୋକ ଜଡ଼ିତ, ସମସ୍ତେ ଜାଣନ୍ତି ଯେ କୋଅପରେଟିଭ ହେଉଛି ‘କୋଉ ଉପାୟରେ ଇଟ୍’ । ମୋର କିଛି ବର୍ଷ ତଳର କଥାଟିଏ ମନେ ପଡ଼ିଗଲା ତ । ସେତେବେଳେ ଆମ ଅଞ୍ଚଳର ସମାଜସେବୀମାନେ ଏମିତି ଆଦର୍ଶ ଭାଷଣ ଦେଇ ଗୋଟିଏ ସରକାରୀ କୋଅପରଟିଭରେ ପଶିଥିଲେ । ସରକାର ତାଙ୍କୁ ଦେଇଥିଲେ ଗୋଟିଏ ପେଟ୍ରୋଲ ଟାଙ୍କି ଆଉ ତା ସାଙ୍ଗକୁ ସହରରେ କୋଇଲା ଓ ରୋଷେଇ ଗ୍ୟାସ ଯୋଗାଇବାର ଦାୟିତ୍ୱ । କିନ୍ତୁ ଦୁଇବର୍ଷ ନପୂରୁଣୁ ଗଙ୍ଗାରେ ପକାଇବାକୁ ସଂସ୍ଥାର ଅସ୍ଥି ଖଣ୍ଡେ ବି ମିଳିଲା ନାହିଁ । ଲୋକ କହୁଥିଲେ କି ମଣିଷ ଦେଖ, ଜଳ, ସ୍ଥଳ, ଆକାଶ ସବୁ ଖାଇଗଲେ । ଜଳ ବୋଇଲେ ଯେ ପେଟ୍ରୋଲ, ସ୍ଥଳ ଯେ କୋଇଲା, ଆଉ ଆକାଶ ହେଲା ଗ୍ୟାସ । ସେହିକଥା ମନେ ପଡ଼ିଲାକୁ ହସ ମାଡ଼ିଲା । ଏକଥାରେ ଆମ ବନ୍ଧୁର ଓଠ ଅଧ ଇଞ୍ଚ ପ୍ରସାରିତ ହେଲା ଓ ଓଠ ସନ୍ଧିରୁ ବାହାରିଲା- ଗୁଡ୍ ।

ଆମ ବନ୍ଧୁ ପିଲାବେଳେ ବି ଏମିତି ଥିଲା । ତାକୁ ଆମେ ଜନ୍ମ-ଦୁଃଖୀ ବୋଲି ଡାକୁଥିଲୁ । ତାକୁ ପଚାରିଲୁ ଜୀବନରେ ତୋର କେବେ ହସିଥିବାର ମନେ ପଡୁଛି ? ସେ କହିଲା-ହସିବିନି କେମିତି । ଏବେ ଗତ ମାସକ ଭିତରେ ତ ମୁଁ ଦୁଇ ଥର ହସିଲିଣି । ପ୍ରଥମଟା ପ୍ରାୟ କୋଡ଼ିଏ ଦିନ ତଳେ, ସେ ପୁଣି ଥାନା ଭିତରେ ହସିଥିଲି । ଏ ଭିତରେ ପୁଲିସ ବଟି ଆଦାୟର ଦୁଇଟା ପ୍ରତ୍ୟକ୍ଷ ଅନୁଭୂତି ହେଇଗଲାଣି । ଥରେ ତ ମୋ ସ୍କୁଟର ଏକ୍ସିଡେଣ୍ଟ ବେଳେ, ଆଉ ଥରେ ମୋ ସ୍ତ୍ରୀ ପଡ଼ିଶା ଘରେ ଅଳିଆ ପକେଇ ଦେଲା ବୋଲି କଂପ୍ଲେନ ହେଲାକୁ । ପୁଲିସ ନୁହ, ରୀତିମତ ଡକାୟତ ଦଳ । ସେଠୁ ମନସ୍ତାପରେ ଫେରିଲା ବେଳେ ହଠାତ୍ ଇନ୍ସପେକ୍ଟରଙ୍କ ପଛପଟେ ଟଙ୍ଗା ହେଇଥିବା ‘ସତ୍ୟମେବ ଜୟତେ’ ଉପରେ ନଜର ପଡ଼ିଗଲା । ଭିତରୁ ଏମିତି ଠେଲି ଆସିଲା ହସ ଯେ, ଆଉ ସମ୍ଭାଳି ପାରିଲି ନାଇଁ ।

ଆମେ ପଚାରିଲୁ-ଆଉ ଦ୍ୱିତୀୟ ହସ କେବେ ବାହାରିଲା ? ସେ କହିଲା ଏଇ ଦୁଇଦିନ ତଳେ । ଆମ ଦେଶରେ ଯିଏ ଯେତେ ବଡ ନାମୀଦାମୀ ବା ହାରାମୀ, ଯାହାଙ୍କ ନାଁ ଶୁଣିଲେ ବହୁ ଲୋକ ଜାଣୁଛନ୍ତି ତାଙ୍କୁ ଆମେ ବିଶିଷ୍ଟ ଲୋକ ବୋଲି କହୁଛେ । ଆଉ ସଭା ସମିତିମାନଙ୍କରେ ଟିଭି, କ୍ୟାମେରା, ଯେଉଁ ଭିଡ଼ ଉପରେ ବେଳେ ବେଳେ ବୁଲି ଯାଉଥାଏ, ଯାହାଙ୍କର ପରିଚୟ ଜଣାନାଇଁ, ସେମାନେ ହେଲେ ସାଧାରଣ ଜନତା ବା ଆମ୍ ଆଦ୍‌ମି । ଆମ୍ ଆଦ୍‌ମିର କୌଣସି ଚେହେରା ଇ ନଥାଏ । ସେଇଥି ପାଇଁ ମୁଁ କୌତୁହଳି ହେଇ ସେଇ ଷ୍ଟଲରେ ଅଟକି ଯାଇଥିଲି । ମେଳାର ସେଇ ଷ୍ଟଲରେ କେତେଜଣ ଟୋପି-ଆଦ୍‌ମି ବସି ସ୍କ୍ରିନଟିଏ ଟଙ୍ଗେଇ ଦେଇଥିଲେ, ଆଉ ସେଥିରେ ଦେଖଉଥିଲେ ଆମ୍ ଆଦ୍‌ମିଙ୍କ ଚେହେରା । ସ୍କ୍ରିନରେ ଜଣେ ଜଣେ ଲୋକ ଟୋପି ପିନ୍ଧି ଆସୁଥାନ୍ତି ଓ କହୁଥାନ୍ତି- ଆଜ୍ଞା ନମସ୍କାର, ମୁଁ ହେଉଛି ଜଣେ ଆମ୍ ଆଦ୍‌ମି । ଆପଣ ବି ଗୋଟିଏ ମିସ୍ କଲ କରି ଆମ୍ ଆଦ୍‌ମି ହେଇଯାଆନ୍ତୁ । ପ୍ରଥମେ ଆସିଲେ ଦିଲ୍ଲୀର ବିଶ୍ୱବିଖ୍ୟାତ ମୁଖ୍ୟମନ୍ତ୍ରୀ, ତାଙ୍କ ପଛକୁ ବଲିଉଡ୍‌ର ଜଣେ ସୁପରଷ୍ଟାର, ତା’ ପରେ ପରେ ଜଣେ ବିଖ୍ୟାତ ନୃତ୍ୟାଙ୍ଗନା, ଦିଟା କବିତା ଶୁଣାଇ ଦେଢ଼ ଲକ୍ଷ ଟଙ୍କା ଲେଖାଁ ନେଉଥିବା ଜଣେ କବି, ଆନ୍ତର୍ଜାତିକ ପୁରସ୍କାରପ୍ରାପ୍ତ ଜଣେ ସାମାଜିକ କର୍ମୀ, ଏମିତି ପ୍ରାୟ ପଚାଶ/ଷାଠିଏ ଜଣ । ମୋ ପାଖରେ ଠିଆ ହେଇଥିବା ଜଣେ ବିଚକ୍ଷଣ ଆମ୍ ଆଦ୍‌ମି ହଠାତ୍ କହି ପକାଇଲେ- ଆଜ୍ଞା, ଏମାନେ ଯଦି ଆମ୍ ଆଦ୍‌ମି ତା ହେଲେ ଆମେ ସବୁ କିଏ ? କାଲି ଦେଶରେ ଯାଙ୍କ ସରକାର ଆସିଗଲେ ତ ଟାଟା, ବିର୍ଲା, ଅମ୍ବାନି ବି ଟୋପି ପିନ୍ଧି, କାନ୍ଧରେ ଗାମୁଛା ପକାଇ ଏଇ ସ୍କ୍ରିନରେ ଆସି କହିବେ- ଆଜ୍ଞା ଆମେ ବି ଆମ୍ ଆଦ୍‌ମି ହେଲୁଣି, ଆପଣ ବି ହେଇଯାଆନ୍ତୁ । ଯେଉଁମାନେ ଦେଶଟାକୁ ସର୍ବହରା ବନଉ ବନଉ ଶେଷରେ ନିଜେ ନିପାତ ହୋଇଗଲେ ଏବେ ବେଶ ବଦଳାଇ ଆସି କହୁଛନ୍ତି ଆମ୍ ଆଦ୍‌ମି ହେଲେ ହୁଅରେ ! ବନ୍ଧୁକୁ ଟାପରା କରିବାକୁ କହିଲୁ-ଏଥିରେ ହସିବାର କ’ଣ ଅଛି ?

ସେ କହିଲା-ନା, ମୁଁ ସେତେବେଳେ ହସି ନ ଥିଲି । କାଲି ରାତିରେ ଯେତେବେଳେ ଜଣେ ପୁରୁଣା ଗାନ୍ଧିବାଦୀ ନେତାଙ୍କର ଆତ୍ମଜୀବନୀରୁ ଜାଣିଲି ଯେ ଗାନ୍ଧିଜୀଙ୍କ ଗରିବ ଭାବମୂର୍ତ୍ତିକୁ ସମ୍ଭାଳି ରଖିବାରେ କୁଆଡ଼େ କଂଗ୍ରେସ ଦଳକୁ ଅସମ୍ଭାଳ ଖର୍ଚ୍ଚ କରିବାକୁ ପଡୁଥିଲା, ସେତେବେଳେ ହଠାତ୍ ଏଇ କୋଟିପତି ଆମ୍ ଆଦ୍‌ମିମାନଙ୍କ ବିଚରା ପୋଷାକ ଆଉ ନିରୀହ ଭାବମୂର୍ତ୍ତି ଦିଶିଗଲା । ତା’ପରେ ଆଉ ହସ ସମ୍ଭାଳି ପରିଲି ନାଇଁ । ଆମେ ଜାଣିଗଲୁ, ଆମ ଧୁନ୍ଦୁରାମୁହାଁ ବନ୍ଧୁର ସେନ୍ସ ଅଫ୍ ହ୍ୟୁମର ଆମ ତୁଳନାରେ କେତେ ଗଭୀର ।

ରାଉରକେଲା, ମୋ.:୮୨୮୦୨୬୬୮୨୧



## ଅନନ୍ତର ଆହ୍ୱାନ

ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ



ଉଠାପଡ଼ା ଜୀବନ ଯାତ୍ରାର ଆଲେଖ୍ୟ,
କଥା-ବ୍ୟଥା-ଗାଥାର ମିଶ୍ର ଫଳଶ୍ରୁତି,
ଆବେଗ, ଅନୁରାଗ, ଆଲୋଡନର
ମାନ୍ତ୍ରିକ ମୁଁ,
ନିରାମୟ ସ୍ୱପ୍ନସମ୍ଭାବନାର ଉତ୍ତରଦାୟୀ
ଚଳମାନ୍ ପ୍ରତ୍ୟାଶା ମୁଁ ।
ନିରାଶାର ମରୁରେ ସବୁଜ ସ୍ୱପ୍ନର ପଲ୍ଲବନ,
ବିଷାଦ କାଳିମାର ବୁକୁଚିରି ହର୍ଷୋତ୍ ଫୁଲ୍ଲ ଉଡ଼ାଣ
ଅଭିପ୍ରେତ ମୋର,
ପ୍ରାପ୍ତିର ପୁଲକଭରା ହାତ ପସାରିବି,
ଅନନ୍ତ ଆକାଶ ଭେଦୀ କୁହାଟ ଛାଡ଼ିବି ।
ବିଚତ୍ର କର୍ମାର ରଙ୍ଗରସରେ ପଖାଳିବି
ମୋର ଚିତ୍ତବୃତ୍ତି, ଅନ୍ତରାତ୍ମା, ଦୂରସ୍ଥ ଠିକଣା,
ଅନନ୍ତର ଆହ୍ୱାନରେ ଆଗେଇବି
ଧ୍ୟେୟ ମୋର ହେବ ନାହିଁ ଊଣା ।

# ସାଧୁ ଚୋର

## ରବି କାନୁନ୍‌ଗୋ

“ବଳୀଭିର୍ମୁଖମାକ୍ରାନ୍ତଂ ପଳିତେନା ଦ୍ୱିତଂ ଶିରଃ ।
ଗାତ୍ରାଣୀ ଶିଥିଳାୟନେ ତୃଷ୍ଣୈକା ଶରଣାୟତେ ।”
(୭, ଭର୍ତ୍ତୃହରି ‘ବୈରାଗ୍ୟ ଶତକ’)



ବୟସ ବଢ଼ିବ । ପରାକ୍ରମ ସରିବ । ସବୁ ପାର୍ଟସ୍ ଟାଲ୍ ଧରିବ । ଶିର ହଲିବ ଓ ଶରୀର ଥରିବ । ନିଦ କମିବ, ଭୋକ ମରିବ । ବ୍ଲଡ୍‌ରେ ସୁଗାର୍ ବଢ଼ିବ, ପ୍ରେସର୍ କମିବ । ନ ହେଲେ ପ୍ରେସର୍ ବଢ଼ିବ, ସୁଗାର୍ କମିବ । ଏମିତି ନାନା ଦହଗଞ୍ଜ । ସମୁଦ୍ର କୂଳରେ ଅସ୍ତସୂର୍ଯ୍ୟର ଗତି ପରି ଜୀବନ ଧୀରେ ଧୀରେ ବୁଡୁଥାଏ । ଆଗେ ଇନ୍ସୁରେନ୍ସ ନ ହେଲେ ଗାଡ଼ି ଚଳେଇହେଉ ନ ଥିଲା, ଏବେ ଇନ୍ସୁରେନ୍ସ ନ କଲେ ବଞ୍ଚି ବି ହେଉନି ।

ଭର୍ତ୍ତୃହରି ପଚାରନ୍ତି – ସବୁ ମଲା ବେଳେ ମଣିଷ ପାଖରେ କିଏ ବଞ୍ଚିଥାଏ, କହିଲ ?

‘ତୃଷ୍ଣା’ । ଜୀବର ମଲା ଜୀଇଁଲାକୁ ଖାତିର୍ ନ କରି ଇଏ ତା’ ମନ ଭିତରେ ୟୁରିୟା ଫସଲ ପରି ହୁ ହୁ ବଢ଼େ ।

ଇନ୍ଦ୍ରିୟ ଭୋଗର ଚରମ ସମାପ୍ତି ସମ୍ଭବ ନୁହେଁ ଜାଣି ଠାକୁରେ ମଣିଷକୁ ମନଟିଏ ଦେଇଛନ୍ତି । ନିର୍ଦ୍ଦେଶ ବି ସାଙ୍ଗରେ ରହିଛି । ବାପରେ ତୋ’ର ମୁନି ଋଷି ହେବା ଦରକାର ନାହିଁ । ସଂସାରର ସମସ୍ତ ଆଳାପ ଆୟୋଜନରେ ମଗ୍ନ ରହ । ମାତ୍ର ଦେଖିବୁ, ଦେହ ଯେତେବେଳେ ‘ଭୋଗ’ ପାଇଁ ତତେ ଅଣାୟତ୍ତ କରିବ ତାକୁ ମନର ବଶକୁ ଛାଡ଼ିଦେବୁ । ତେଣିକି ଦେଖିବୁ, ସବୁ ବାଟ ସିଏ ବତେଇବ । ଚୋରି ଓ ଧର୍‌ପକଡ୍ – ସବୁ କାମ ଏକାପରି ସେ କରେଇପାରେ । ତତେ ଅଷ୍ଟପ୍ରହରୀ କରେଇବ କି କବିତା ଲେଖେଇବ କି ଫେସ୍‌ବୁକ୍ ପାଖରେ ବସେଇବ – ସେ କର୍ତ୍ତବ୍ୟ ତା’ର ଏବଂ ତୁ ତା’ ବୋଲ ମାନି ସବୁ କରୁଥିବୁ । ମାଇପକୁ ଛାଡ଼ି ପରଘରେ ପଶୁଥିବୁ, ନୀତି ଛାଡ଼ି ରାଜନୀତି କରୁଥିବୁ, ଚୋରି କରି ଧାର୍ମିକ ହେଉଥିବୁ – ଯେତେ ଲମ୍ବେଇଲେ ସେତେ ବଢ଼ିବ ଏ ତାଲିକା ।

ବୈରାଗ୍ୟ ପାଇଁ ସତର୍କ ବାଣୀ : ବାବୁରେ ବୈରାଗୀ ହେବାକୁ ଇଚ୍ଛା କରୁଛୁ ତ ହୁସିଆର୍ । ଥୁକ୍ ପକେଇ ଏ ସଂସାରକୁ ଭୁଲିବୁ । ଆଉ ପଛକୁ ଅନେଇବୁନି । କିନ୍ତୁ ତୁ ପାରିବୁନି । ବାରାଣସୀରେ ରହି ନିଶ୍ଚେଁ ପଚାରିବୁ – ତମ ଗାଁ ଯୁଗଳ ତୋଟାରେ କେତେ ଆମ୍ବ ହେଇଚି ବା ନାତୁଣୀ ରେଜଲ୍ଟ କାହିଁକି ଖରାପ ହେଲା ! ପ୍ରତିକାର ପରାମର୍ଶ ଦେଇ ଅନୁମାନଗୁଡ଼ାଏ ଗପିବୁ । ଶୋଧା ଶୁଣିବୁ । ଭର୍ତ୍ତୃହରି ପଚାରନ୍ତି – ତୁ ବୈରାଗୀ ହେଲୁ କେତେବେଳେ ? ଧରି ନିଅ – ହେଲ ମାନେ ଗଲ । ମଧ୍ୟବର୍ତ୍ତୀ କାଳରେ ସଭାକୁ ଡେଇଁବୁନି ! ନ ହେଲେ, ‘ନାତୁଣୀକୁ ଧରି ଅଜା ଫେରାର୍’, ଆଶା ରାମ ‘ବାପୁ’ମାନଙ୍କ ପରି ହିନସ୍ତା ଭୋଗିବାକୁ ପଡ଼ିବ । ଏତଦ୍ୱାରା ‘ସଂସାରୀ’ କି ‘ବୈରାଗୀ’ – କିଛି ହୋଇପାରିବୁନି । ମଝି ସ୍ୱର୍ଗରେ ଲଟକି ରହିଯିବୁରେ ପୁଅ ।

‘ଚୋର’ ଓ ‘ଚରିତ୍ର’ ଭିତରେ ସଂପର୍କ କ’ଣ ? ଦୁଇଟିଯାକ ଘାତ-ବାଚକ ଶବ୍ଦ । ‘ନେଇ ଆଣି ଥୋଇପାରିବା’ ଦକ୍ଷତା ଉଭୟ କ୍ଷେତ୍ରରେ ଲୋଡ଼ା । ତେଣୁ ଜଣେ ସଫଳ ଚୋର ସଫଳ ଚରିତ୍ରବାନ୍ ହେବାରେ କିଛି ଅସୁବିଧା ନାହିଁ । ସେଥିପାଇଁ ବହୁ ବାଟ ରହିଛି । ଚିତ୍ତ-ଚୋରରୁ ବିତ୍ତ-ଚୋର ଯାଏଁ ଏ ଶବ୍ଦର ବହୁ ବ୍ୟାଖ୍ୟା ବି ରହିଛି । କେଉଁଠି ରୋମାଣ୍ଟିକ୍ ତ ଆଉ କେଉଁଠି ପେନାଲ୍-କୋଡ୍ !

ମାତ୍ର ‘ଚରିତ୍ର’ ଶବ୍ଦର ଅର୍ଥ ଉଣ୍ଡାଳିବା – ଯେତେ ଖୋଳୁଥିବେ ସେତେ ମିଳୁଥିବ । ଘଡ଼ିଘଡ଼ିକେ ଆନ, ଜଣଜଣକେ ଆନ । କ୍ଷଣକ ପାଇଁ ଧରିନେବା ଯେ ୟା’ ଅର୍ଥ କେହି ଜାଣିନାହାଁନ୍ତି । ପାଞ୍ଚ ବର୍ଷ ଜେଲ ଆଦେଶ ଏବଂ ଅପିଲ୍‌ରେ ବିଚାର ଶେଷ ପର୍ଯ୍ୟନ୍ତ ତାଙ୍କୁ ଗିରଫ ନ କରିବାକୁ ରହିତାଦେଶ ସଲମାନ୍ ଖାଁଙ୍କୁ ଏବେ ‘ଚରତ୍ରବାନ୍’ରେ ପରିଣତ କରିଛି । ସେମିତି ତାମିଲନାଡୁ ପୂର୍ବ ମୁଖ୍ୟମନ୍ତ୍ରୀ ସୁଶ୍ରୀ ଜୟ ଲଳିତା – ଖଲାସ । ଦଣ୍ଡରେ ୬ ବର୍ଷ ପାଇଁ ନିର୍ବାଚନ ଲଢ଼ିବା ଅଧିକାର କଟି ଯାଇଥିଲା । କର୍ଣ୍ଣାଟକ ହାଇକୋର୍ଟ ରାୟକୁ ଆଇନର ଜୟ ବୋଲି କହି ସେ ୧୭ ତାରିଖ ଦିନ ପୁଣି ମୁଖ୍ୟମନ୍ତ୍ରୀ ହେଲେ ।

କର୍ଣ୍ଣାଟକ ହାଇକୋର୍ଟ ରାୟ ପରେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟୁଇଟର୍‌ରେ ଅଭିନନ୍ଦନ ଜଣେଇଲେ । କାହିଁକି – ସେ ଦୁର୍ନୀତି-ଦଣ୍ଡରୁ ରିହାତି ପାଇଲେ ବୋଲି ? ଜୟାଙ୍କ ଏମିତିକା ରାଜନୀତିକ ସାଧୁ-ଚୋର କାରବାରରେ ଅଧୈର୍ଯ୍ୟ ହୋଇ ଅଭିନନ୍ଦନ ଜଣେଇ ନିଜକୁ ରାଜନୀତିରେ ଭାରତୀୟ ସାଧୁତାର ଧର୍ମ-ବକ୍ତା ବୋଲି ଦାବି କରୁଥିବା ପ୍ରଧାନମନ୍ତ୍ରୀଙ୍କ ପକ୍ଷରେ ସୁନ୍ଦର ହେଲା କି ?

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ନାହିଁ, ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ କର୍ଣ୍ଣପାତ କଲା ନାହିଁ କେନ୍ଦ୍ର : ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା



ବଲାଙ୍ଗିର, (ନିପ୍ର) : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ପାଇଁ କୌଣସି ପ୍ରକାର ସ୍ୱତନ୍ତ୍ର ପ୍ୟାକେଜ ଓଡିଶାକୁ ଦିଆଯାଇନଥିବା କଥା ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡିଶା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପ୍ୟାକେଜ ଦାବୀ କରି ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ନିକଟରେ ବିଜୁ ଜନତା ଦଳର ଏକ ସଂସଦୀୟ ପ୍ରତିନିଧି ଦଳ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ସାକ୍ଷାତ କରି ରାଜ୍ୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜର ଦାବୀ କରିଥିଲେ । ମୁଖ୍ୟମନ୍ତ୍ରୀ ଏବଂ ବିଜୁ ଜନତା ଦଳର ସାଂସଦମାନଙ୍କ ଏହି ଉଦ୍ୟମ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିବା ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ପଣ୍ଡା କହିବା ସଙ୍ଗେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ କେନ୍ଦ୍ର ସରକାର କର୍ଣପାତ କଲେ ନାହିଁ ବୋଲି ମଧ ସୂଚନା କର୍ମୀ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ତଥ୍ୟରୁ ଏହା ମଧ ଜଣାପଡିଛି ଯେ, କେବଳ ୧୯-୨୦ ଆର୍ଥିକ ବର୍ଷକୁ ବାଦ ଦେଲେ ୧୬-୧୭ ଆର୍ଥିକ ବର୍ଷରୁ ୨୦-୨୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମସ୍ତ ଆର୍ଥିକ ବର୍ଷରେ ଆବାସ ଯୋଜନା ଗ୍ରାମୀଣ ପାଇଁ ଦିଆଯାଇଥିବା ଅନୁଦାନର ସମସ୍ତ ଅର୍ଥ ଖର୍ଚ୍ଚ କରାଯାଇ ପାରିନାହିଁ ଅର୍ଥାତ୍ ସମ୍ପୂର୍ଣ ଅର୍ଥ ବିନିଯୋଗ କରାଯାଇନାହିଁ । ଖର୍ଚ୍ଚ କରାଯାଇ ନଥିବା ଅର୍ଥ ରାଶିର ପରିମାଣ ୧୬-୧୭ ଆର୍ଥିକ ବର୍ଷରେ ୧ ହଜାର ୯ ଶହ ୭୭ କୋଟି ୩୮ ଲକ୍ଷ ୭୦ ହଜାର ୮୦୦ ଟଙ୍କା ହୋଇଥିବା ବେଳେ ୧୭-୧୮ ଆର୍ଥିକ ବର୍ଷରେ ୯ ଶହ ୪୦ କୋଟି ୯୭ ଲକ୍ଷ ୫୮ ହଜାର ଟଙ୍କା, ୧୮-୧୯ ଆର୍ଥିକ ବର୍ଷରେ ୧୭ କୋଟି ୬୫ ଲକ୍ଷ ୯୧ ହଜାର ୭୦୦ଟଙ୍କା, ୨୦-୨୧ ବର୍ଷରେ ଯଥାକ୍ରମେ ୭୩୨ କୋଟି ୪୯ ଲକ୍ଷ ୮୭ ହଜାର ୨୯ଟଙ୍କା ବୋଲି ଜଣାପଡିଛି । କେବଳ ୧୯-୨୦ ବର୍ଷରେ କେବଳ ୬୭ କୋଟି ୯୭ ଲକ୍ଷ ୪୬ ହଜାର ୭୮୦ଟଙ୍କା ଅଧିକ ଖର୍ଚ୍ଚ କରାଯାଇଥିବା ଜଣାଯାଇଛି । ଆବାସ ଯୋଜନା ଗ୍ରାମୀଣର ସମୁଦାୟ ଅନୁଦାନ ଅର୍ଥକୁ ପ୍ରାୟ ଅଧିକାଂଶ ବର୍ଷ ସମ୍ପୂର୍ଣ ଭାବେ ବ୍ୟୟ କରାଯାଇ ପାରୁନାହିଁ ଓ ପରବର୍ତ୍ତି ବର୍ଷରେ ପୁଣି ସେହି ବ୍ୟୟ କରାଯାଇ ପାରୁ ନଥିବା ଅର୍ଥକୁ ମିଶାଇ ଦିଆଯାଉଛି । ଆବାସ ନିର୍ମାଣରେ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଯେତିକି ଆବାସ ନିର୍ମାଣ ହେବା କଥା ତାହା ହୋଇପାରୁ ନାହିଁ ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି । ଗରିବ ଦୂରିକରଣ ଯୋଜନାର କାର୍ଯ୍ୟ କାରିତାରେ ଅବହେଳା ରାଜ୍ୟର ସମନ୍ୱିତ ବିକାଶକୁ ପଥରୋଧ କରୁଛି ବୋଲି ପଣ୍ଡା କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଅବାସ ଯୋଜନାର ରୁପାୟନକୁ ନେଇ ତାଳମେଳର ଅଭାବ ଯୋଗୁଁ ରାଜ୍ୟବାସୀ ଯେତିକି ଲାଭ ପାଇବା କଥା ତାହା ପାଉ ନାହାନ୍ତି ବୋଲି ପଣ୍ଡା ଅଭିଯୋଗ କରିଛନ୍ତି । ଆବାସ ଯୋଜନାରେ ରାଜ୍ୟ ସରକାରଙ୍କ ଦାବୀକୁ କେନ୍ଦ୍ର ସରକାର ଗ୍ରହଣ କଲେ ରାଜ୍ୟବାସୀ ଅଧିକ ଲାଭବାନ ହୁଅନ୍ତେ । ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଗୁଡିକୁ ଏହି ଯୋଜନା ପାଇଁ କେନ୍ଦ୍ର ସରକାର ଦେଉଥିବା ଆର୍ଥିକ ଅଂଶ ଅଧିକ ରହୁଥିବା ବେଳେ ଓଡିଶା ଭଳି ରାଜ୍ୟ ପାଇଁ ରାଜ୍ୟ ଗୁଡିକୁ ଅଧିକ ବୋଝ ପଡୁଛି । ରାଜ୍ୟ ମୁଖ୍ୟମନ୍ତ୍ରୀ ଦୀର୍ଘ ଦିନରୁ ଓଡିଶାକୁ ସ୍ୱତନ୍ତ୍ର ପାହ୍ୟା ଦେବା ପାଇଁ ଦାବୀ କରି ଆସୁଛନ୍ତି । ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଏକ ଯୁକ୍ତିଯୁକ୍ତ ଦାବୀ ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା କହିବା ସଙ୍ଗେ କେନ୍ଦ୍ର ସରକାର ଏହାକୁ ବିଚାର କରିବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

# ସୃଜନ ସଳିତା ନବନୀତା ପରିବାର ପକ୍ଷରୁ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗିର, (ନିପ୍ର) : ସୃଜନ ସଳିତା ନବନୀତା ପରିବାର ପକ୍ଷରୁ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ନବନୀତା ପରିବାରର ସଦସ୍ୟମାନେ ସାରସ୍ୱତ ସ୍ରଷ୍ଟା ଶ୍ରୀ ଗୁରୁଙ୍କ ବାସଭବନକୁ ଯାଇ ତାଙ୍କ ଆଶୀର୍ବାଦ ଗ୍ରହଣ କରିବା ସହ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି । କୌତୁକ ପନ୍ଦର, ରାଜେଶ ଝାଙ୍କର, ଜଗନ୍ନାଥ ସାହୁ ପ୍ରମୁଖ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହ ତାଙ୍କ ସାରସ୍ୱତ ସାଧନାର ଆହୁରି ବଳିଷ୍ଠତା କାମନା କରିଛନ୍ତି ।

ସାହିତ୍ୟିକ ଶ୍ରୀ ଗୁରୁ କୋଶଲୀ ସାହିତ୍ୟର ସର୍ବାଙ୍ଗୀନ ଉନ୍ନତି ଏବଂ ସ୍ୱୀକୃତି ପାଇଁ ଲଢ଼େଇ କରିବି ବୋଲି ମତ ପ୍ରକାଶ କରିଥିଲେ ।

# ଯାଦବ ଭବନରେ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କ ସମ୍ବାଦିକ ସମ୍ମିଳନୀ



ବଲାଙ୍ଗିର, (ନିପ୍ର) : ଖୋର୍ଦ୍ଧା ରୋଡ-ବଲାଙ୍ଗିର ନିର୍ମାଣାଧିନ ରେଳପଥ ପାଇଁ ଚଳିତ ବଜେଟରେ ୮୯୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ରାଜ୍ୟର ସମସ୍ତ ପ୍ରକଳ୍ପ ଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି । କିନ୍ତୁ ଅଧିକ ଅର୍ଥ ବ୍ୟୟ ବରାଦ କରାଯାଇ ଖର୍ଚ୍ଚ କମ୍ କରାଯିବା ପୁରୁଣା ଅଭ୍ୟାସକୁ ଖୋର୍ଦ୍ଧାରୋଡ-ବଲାଙ୍ଗିର ରେଳ ପ୍ରକଳ୍ପ କ୍ଷେତ୍ରରେ ପୁଣି ଥରେ କେବଳ ଦୋହରାଯାଇଛି ବୋଲି ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ବଜେଟ ଅନୁଦାନର ଅନ୍ତର୍ଭୁକ୍ତ ହେବା ବର୍ଷଠାରୁ ବାର୍ଷିକ ବଜେଟ ଘୋଷଣାର ସମୁଦାୟ ଅର୍ଥକୁ ଖର୍ଚ୍ଚ କରାଯିବା ଉଦାହରଣ ଦୀର୍ଘ ୨୨ ବର୍ଷର ଇତିହାସରେ ନାହିଁ । ତେଣୁ ସର୍ବାଧିକ ବଜେଟ ବ୍ୟୟ ବରାଦ ରସଗୋଲା ସଦୃଶ ନୁହେଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଗତ ୫ ବର୍ଷରେ ଅର୍ଥାତ୍ ୧୬-୧୭ରୁ ୨୦-୨୧ ମଧ୍ୟରେ ପ୍ରକଳ୍ପ ପାଇଁ ୨୪୪୬ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ଖର୍ଚ୍ଚ ହୋଇଛି ମାତ୍ର ୯୧୫ କୋଟି ୮୮ ଲକ୍ଷ ଟଙ୍କା ଯାହାକି ସମୁଦାୟ ଆବଣ୍ଟିତ ଅର୍ଥର ୪୦ ପ୍ରତିଶତରୁ ମଧ କମ୍ ଅଟେ ଅଥଚ ୨୦୧୧-୧୨ରୁ ୨୦୧୫-୧୬ ଆର୍ଥିକ ବର୍ଷ ତଥା ୫ ବର୍ଷ ମଧ୍ୟରେ ୩୫୫ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ ଖର୍ଚ୍ଚ କରାଯାଇଛି ୪୨୭ କୋଟି ଟଙ୍କା ବୋଲି ତଥ୍ୟରେ ରହିଛି । ସମୁଦାୟ ଏହି ଦଶ ବର୍ଷରେ ବଜେଟ ଘୋଷଣା ଏହାଠାରୁ ଆହୁରି ଅଧିକ । ପ୍ରକଳ୍ପ ପାଇଁ ବଜେଟ ଘୋଷଣା, ଅର୍ଥ ଆବଣ୍ଟନ ଓ ଖର୍ଚ୍ଚ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ବଜେଟରେ ଅଧିକ ଅର୍ଥ ଘୋଷଣା କରି କମ୍ ଖର୍ଚ୍ଚ କରିବା ଦ୍ୱାରା ଓଡିଶା ପ୍ରତି ରେଳ ବିଭାଗର ଅବହେଳା ପ୍ରଚାରକୁ ହୁଏତ ଏଡାଇ ଦିଆଯାଇପାରେ, କିନ୍ତୁ ଏହା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୫ ମସିହାରେ ଏକ ରାଜିନାମାରେ ରାଜ୍ୟସରକାର ଓ ରେଳବିଭାଗ ସ୍ୱାକ୍ଷର କରିଥିଲେ । ରାଜିନାମା ଅନୁଯାୟୀ ନିର୍ମାଣ କାର୍ଯ୍ୟର ୫୦-୫୦ ଭାଗ ଅର୍ଥ ରାଜ୍ୟ ଓ କେନ୍ଦ୍ର ବହନ କରିବେ । ଜମି ଅଧିଗ୍ରହଣ ୨ ବର୍ଷ ୬ ମାସ ମଧ୍ୟରେ କରାଯାଇ ମାଗଣାରେ ରାଜ୍ୟ ଜମି ଯୋଗାଇ ଦେବ ଏବଂ ୨୦୨୧ ମସିହା ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକୁ ଶେଷ କରାଯିବ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ଶେଷ ହୋଇନାହିଁ ବୋଲି ତଥ୍ୟରେ ଉଲ୍ଲେଖ ରହିବା ସଂଗେ ଏହି ସମୟସୀମା ମଧ୍ୟରେ ରାଜିନାମା ଅନ୍ତର୍ଭୁକ୍ତ ୧୭୭ କି.ମି.ରୁ ଅର୍ଥାତ ଦଶପଲ୍ଲାରୁ ବଲାଙ୍ଗିର ମଧ୍ୟରେ ମାତ୍ର ୧୪.୫୮ କିମି ବିଚ୍ଛୁପାଲି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ତେବେ ଏହି ରାଜିନାମାର ସମୟସୀମା ଇତିମଧ୍ୟରେ ଶେଷ ହୋଇଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରାଜିନାମାର ନବୀକରଣ କରାଯାଇ ନାହିଁ । ଗତ ୨୧ ଡିସେମ୍ବରରେ ଇଷ୍ଟ କୋଷ୍ଟ ରେଲୱେ ଭୁବନେଶ୍ୱରର ଚିଫ୍ ପ୍ରୋଜେକ୍ଟ ମ୍ୟାନେଜର(୧) ୨୦୨୫ ମସିହା ପର୍ଯ୍ୟନ୍ତ ଏହାର ନବୀକରଣ ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବଙ୍କୁ ପତ୍ର ଦେଇଛନ୍ତି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ନବୀକରଣ କରାଯାଇ ନାହିଁ । କେଉଁ ଭିତ୍ତିରେ ଅର୍ଥ ଖର୍ଚ୍ଚ ହେବ ତାହା ଏକ ପ୍ରଶ୍ନବାଚୀ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ରାଜିନାମା ସମ୍ପ୍ରସାରଣ ପାଇଁ ଦିଯାଇଥିବା ପତ୍ରର ସମୟସୀମାରେ ୨୦୨୫ ମସିହା ଉଲ୍ଲେଖ ରହିଛି । ପ୍ରକଳ୍ପକୁ ସମ୍ପୂର୍ଣ କରିବା ପାଇଁ ଧାର୍ଯ୍ୟ ସମୟସୀମାକୁ ନେଇ ୨୮ ବର୍ଷ ପରେ ମଧ ଅନିଶ୍ଚିତତା ରହିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ପ୍ରକଳ୍ପ ପ୍ରତି ଅବହେଳା ଜଳ ଜଳ ହୋଇ ଦିଶୁଛି ବୋଲି ମଧ ସେ କହିଛନ୍ତି । ରାଜିନାମା ସମୟ ସୀମା ମଧ୍ୟରେ ଓଡିଶା ୪୮୩ କୋଟି ଟଙ୍କା ରେଳ ବିଭାଗକୁ ପ୍ରଦାନ କରିଥିବା ବେଳେ ଖର୍ଚ୍ଚ କରାଯାଇଛି କେବଳ ୨୦୬ କୋଟି ବୋଲି ତଥ୍ୟରେ ଉଲ୍ଲେଖ ରହିଛି । ରାଜ୍ୟ ସରକାରଙ୍କ ପ୍ରଦତ୍ତ ଅର୍ଥକୁ ମଧ ସମ୍ପୂର୍ଣ ଭାବେ ରାଜିନାମା ସମୟ ଅବଧି ତଥା ୬ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇ ନାହିଁ । ଖୋର୍ଦ୍ଧାରୋଡ-ବଲାଙ୍ଗିର ନିର୍ମାଣାଧିନ ରେଳପଥ ପାଇଁ ଅର୍ଥ ଘୋଷଣା ଓ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କଲେ, ଅବହେଳାର ସୁଦୀର୍ଘ ଇତିହାସରେ କେବଳ ଆଉ ଏକ ପୃଷ୍ଠା ଯୋଡି ହୋଇଛି ବୋଲି ସୂଚନା କର୍ମୀ ଶ୍ରୀ ପଣ୍ଡା କହିଛନ୍ତି । "ମାଗିଲେ ଭାତ-ଡାଲମା ପାଇଲେ ରସଗୋଲା" ବୋଲି ଯାହା କୁହାଯାଉଛି ବାସ୍ତବରେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଗୁଲୁଗୁଲା ବରାକୁ ଶସ୍ତା ଲୋକପ୍ରିୟତା ପାଇଁ ରସଗୋଲାର ଭ୍ରମ ସୃଷ୍ଟି କରାଯାଉଛି ବୋଲି ଶ୍ରୀ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ଉପସ୍ଥାପନ ପୂର୍ବକ କହିଛନ୍ତି ।

# ଓଡିଶା ରାଜ୍ୟ ସଂଗ୍ରହାଳୟଠାରେ ମହାତ୍ମାଗାନ୍ଧୀଙ୍କ ଓଡିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଏବଂ ଶହୀଦ ଦିବସ କାର୍ଯ୍ୟକ୍ରମ




ଭୁବନେଶ୍ୱର, (ନିପ୍ର) : ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓହିଶା ରାଜ୍ୟ ସଂଗ୍ରହାଳୟଠାରେ ଗତକାଲି ଶହୀଦ ଦିବସ ଏବଂ ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ସଚିବ ମଧୁସୁଦନ ପାଢୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିବା ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସମ୍ମାନିତ ବକ୍ତା ଭାବେ ଡ. ପ୍ରିତୀଶ ଆଚାର୍ଯ୍ୟ, ଡ. ନିହାର ରଞ୍ଜନ ପଟ୍ଟନାୟକ, ଡ. ଦାଶ ବେନ୍‌ହୁର, ଡ. ପ୍ରହ୍ଲାଦ ସିହ୍ନା ଯୋଗଦାନ କରି ଶହୀଦ ଦିବସର ତାର୍ପର୍ଯ୍ୟ ଏବଂ ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନ ସଂପର୍କିତ ତଥ୍ୟ ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଓଡିଶା ରାଜ୍ୟ ସଂଗ୍ରହାଳୟଠାରେ ଗାନ୍ଧୀ ଗ୍ୟାଲେରୀର ଉଦ୍‌ଘାଟନ ସହ ଓଡିଶା ଲଳିତ କଳା ଏକାଡେମୀ ଦ୍ୱାରା ଗାନ୍ଧିଜୀଙ୍କ ସଂପର୍କିତ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏଥିସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢୀଙ୍କ ଦ୍ୱାରା ଓଡିଶା ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରସ୍ତୁତ ଗାନ୍ଧିଭିତ୍ତିକ କଫି ଟେବୁଲ ପୁସ୍ତକ ଓ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସ୍ୱତନ୍ତ୍ର ଗାନ୍ଧୀ ବିଶେଷାଙ୍କ କୋଣାର୍କ ପତ୍ରିକା ମଧ ଉନ୍‌ମୋଚିତ ହୋଇଥିଲା । ଓଡିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ କୋଣାର୍କ ପତ୍ରିକା ସଂପର୍କିତ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ ଏବଂ ଓଡିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ଏଥି ସହିତ ଗାନ୍ଧିଜୀଙ୍କ ଜୀବନ ଆଧାରିତ ଷ୍ଟୋରୀ ବୋଲିଂ ସିଡିର ଉନ୍‌ମୋଚନ କରାଯାଇଥିଲା । ପ୍ରାରମ୍ଭରେ ସଂଗ୍ରହାଳୟର ଉଦ୍ୟାନ ପରିସରରେ ଏକ ନୀରବ ପ୍ରାର୍ଥନା ସହିତ ସଂଗୀତ ଶିଳ୍ପୀ ଅନିନ୍ଦିତା ଦାସଙ୍କ ନିର୍ଦ୍ଦେଶରେ ସଦ୍‌ଭାବନା ପ୍ରର୍ଥନା ସଭା ଆୟୋଜିତ ହୋଇଥିଲା । ସଂଗ୍ରହାଳୟର ଅଧିକ୍ଷକ ଡ. ଭାଗ୍ୟଲିପି ମଲ୍ଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଧୁମିତା ମହାନ୍ତି ସଂଯୋଜନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଫେସବୁକ୍ ଓ ୟୁଟ୍ୟୁବ ଚାନେଲରେ ସିଧା ପ୍ରସାରଣ କରାଯାଇଥିଲା ।

# ଡମ୍ବକର୍ଲାଖୁଣ୍ଟା ନିକଟରେ ଲାଗିଲା ଲାଲ୍ ବ୍ୟାନର୍



ମ.ରାମପୁର, (ନିପ୍ର) : ନିର୍ବାଚନ ବର୍ଜନ କରନ୍ତୁ, ଗୋଲାମୀରୁ ମୁକ୍ତି ପାଆନ୍ତୁ । ଗଣତାନ୍ତ୍ରିକ ପଦ୍ଧତିରେ ଲଢୁଥିବା ଓ କହୁଥିବା ବ୍ୟକ୍ତି ଉପରେ ରାଷ୍ଟ୍ର ହିଂସା ବନ୍ଦ କରାଯାଉ ଭଳି ଅନେକ ଦାବୀକୁ ନେଇ ଆଜି ଲାଲ ବାହିନୀ ପୁଣିଥରେ ନିଜର ଉପସ୍ଥିତି ଜାହିର କରିଛି ।

କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ମ.ରାମପୁର – ମୋହନଗିରୀ ରାସ୍ତା ଡମ୍ବକର୍ଲାଖୁଣ୍ଟର ଟିକିଏ ଆଗକୁ ଦୁଲେନ୍ ବୁଲାଣି ପାଖରେ ଲାଲ ବାହିନୀର ପୋଷ୍ଟର ଦେଖିବାକୁ ମିଳିଛି । ଏହି ପୋଷ୍ଟର ସହିତ ନିଜର ଉପସ୍ଥିତି ଜାହିର କରିଛି ଲାଲ ବାହିନୀ । ଦୀର୍ଘ ମାସର ବ୍ୟବଧାନ ପରେ ମାଓ ନିଜର ଉପସ୍ଥିତି ଜାହିର କରିଛି । ଏବେ ତିସ୍ତରୀୟ ନିର୍ବାଚନ ପ୍ରଚାର ଜୋର ଧରିଥିବା ବେଳେ ମାଓବାଦୀଙ୍କ ଭୋଟ ବର୍ଜନ ପୋଷ୍ଟର ଆଲୋଚନାର ବିଷୟ ପାଲଟିଛି । ମାଓବାଦୀମାନେ ରାସ୍ତା ଉପରେ ବ୍ୟାନର, ରାସ୍ତା କଡରେ ବ୍ୟାନର, ଗଛରେ ହାତଲେଖା ପୋଷ୍ଟର ସହିତ ଛପା ପୋଷ୍ଟର ବି ଲଗାଇଛନ୍ତି । ଭାକପା(ମାଓବାଦୀ) ତରଫରୁ ହାତଲେଖା ପୋଷ୍ଟରରେ, ଆଦିବାସୀ ଅଞ୍ଚଳରେ ସିଆର୍‌ପିଏଫ୍ କ୍ୟାମ୍ପ ତୁରନ୍ତ ବନ୍ଦ କରାଯାଉ, ଫରେଷ୍ଟର ବଳପୂର୍ବକ ଭାବେ ଦଖଲ କରିଥିବା ଜଙ୍ଗଲ ଜମିକୁ ଆଦିବାସୀ ଓ ଦଳିତଙ୍କୁ ଫେରାଇ ଦିଆଯାଉ ଏବଂ ଆଦିବାସୀ ଦଳିତ ପରିବାରକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉ । ମାଓବାଦୀ ଆଳରେ ଲୋକଙ୍କୁ ଡକାୟତି କରୁଥିବା ବ୍ୟକ୍ତିଙ୍କୁ ତୁରନ୍ତ ପୁଲିସ ଆରେଷ୍ଟ କରୁ, ଗଂଜେଇ ଆଳରେ ପୁଲିସର ହିଂସାଲୀଳା ବନ୍ଦ କରାଯାଉ ଏବଂ ଏଥିରେ ଆରେଷ୍ଟ ହୋଇଥିବା ବ୍ୟକ୍ତିଙ୍କୁ କ୍ଷତି ପୂରଣ ଦେଇ ତୁରନ୍ତ ରିହା କରୁ । ଲୋକଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ଓ ଆବଶ୍ୟକୀୟ ରାସନ ସାମାନ ଯୋଗାଇ ଦିଆଯାଉ, ସରକାରୀ ନିଯୁକ୍ତି ବୟସସୀମା କ୍ୟାବିନେଟର ନିଷ୍ପତିକୁ ରଦ୍ଦ କରାଯାଉ ବୋଲି ଉଲ୍ଲେଖ ରହିଛି ।

ଏହି ପୋଷ୍ଟର ଓ ବ୍ୟାନର ପରେ ଲୋକଙ୍କ ମଧ୍ୟରେ ଛନକା ପଶିଥିବା ଜଣାଯାଇଛି ।

